# ଓଡ଼ିଶା ବିଧାନସଭା

## ଷଷ୍ଠ ଅଧିବେଶନ

## ଲିଖିତ ଉତ୍ତର ନିମନ୍ତେ ପ୍ରଶ୍ନାବଳୀ

## ୩୧ ମାର୍ଚ୍ଚ ୨୦୨୬

----

[ପଞ୍ଚାୟତିରାଜ ଓ ପାନୀୟ ଜଳ - ଗୃହ ନିର୍ମାଣ ଓ ନଗର ଉନ୍ନୟନ - ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ - ଗ୍ରାମ୍ୟ ଉନ୍ନୟନ - ସରକାରୀ ଉଦ୍ୟୋଗ - ଶ୍ରମ ଓ କର୍ମଚାରୀଙ୍କ ରାଜ୍ୟ ବୀମା ].

**ମୋଟ ପ୍ରଶ୍ନର ସଂଖ୍ୟା - 166**

----

### ଖଣିଜ ସମ୍ପଦ କ୍ରସର ପ୍ରତିଷ୍ଠା

**5694 ଶ୍ରୀ ସୌଭିକ୍ ବିଶ୍ୱାଳ (ଚୌଦ୍ୱାର-କଟକ):**

**ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ କେତେଗୋଟି ଖଣିଜ ସମ୍ପଦ କ୍ରସର ପ୍ରତିଷ୍ଠା ହୋଇଛି, ଏଠାରେ କାର୍ଯ୍ୟରତ ଶ୍ରମିକମାନଙ୍କ ସ୍ୱାସ୍ଥ୍ୟର ସୁରକ୍ଷା ସହିତ ସେମାନଙ୍କୁ ବୀମାଭୁକ୍ତ ଓ ସ୍ୱାସ୍ଥ୍ୟବୀମାଭୁକ୍ତ କରିବାକୁ କି ପଦକ୍ଷେପ ଗ୍ରହଣ କରାଯାଉଛି ?

----

### ଭୂତଳ ଜଳ ଦୂଷିତ

**5696 ଶ୍ରୀ ଧ୍ରୁବ ଚରଣ ସାହୁ (ରାଜନଗର):**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ରାଜ୍ୟର କେଉଁ କେଉଁ ଜିଲ୍ଲାରେ କେତୋଟି ଗ୍ରାମରେ ଭୂତଳ ଜଳ କେଉଁ କେଉଁ କାରଣରୁ ଦୂଷିତ ବା ସଂକ୍ରମିତ ଏବଂ ତଦ୍ୱାରା କି ସମସ୍ୟା, ଯଥା ସ୍ୱାସ୍ଥ୍ୟଗତ ଓ ଅନ୍ୟାନ୍ୟ ଅସୁବିଧା ପରିଲକ୍ଷିତ ହେଉଛି, ଏବଂ ତଦ୍ୱାରା କେତୋଟି ଗାଁରେ ଲୋକେ ଗାଁ ଛାଡି ବାହାରକୁ ଚାଲି ଗଲେଣି ଏବଂ ସେହି ସମସ୍ୟାର ପ୍ରତିକାର ପାଇଁ କ'ଣ କରାଯାଇଛି ?

----

**Environmental Pollution and groundwater contamination**

**5720 ଶ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ (ଆଠଗଡ):**

**ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- (a) Whether the Government has taken steps to address environmental pollution and groundwater contamination caused by chromite mining in the Sukinda Valley, (b) If yes, the details of measures taken for environmental protection, rehabilitation and health support for affected local communities, and Whether any new policies or monitoring mechanisms have been introduced to sustainable chromite mining in Odisha ?

----

**Rural Road connectivity**

**5735 ଶ୍ରୀ ଓମ୍ ପ୍ରକାଶ ମିଶ୍ର (ସତ୍ୟବାଦୀ):**

**ଗ୍ରାମ୍ୟ ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- Following present Govt's completion of land acquisition for 50 of 92 previous Govt. built bridges lacking approach roads, what specific plans exist for Satyabadi's rural links, ensuring all villages over 150 population get roads by 2027 as pledged; How is the Rs 7,500 crore for major district roads and bridges prioritising Satyabadi's unfinished rural stretches, left dangling by previous Govt.inaction despite promises?

----

**ମେଗା ପାନୀୟ ଜଳ ପ୍ରକଳ୍ପ ସମ୍ପର୍କରେ**

**5736 ଶ୍ରୀ ସଂଜୀବ କୁମାର ମଲ୍ଲିକ (ଭଣ୍ଡାରୀପୋଖରୀ):**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- (କ) ଚଳିତ ଆର୍ଥିକ ବର୍ଷରେ ଭଦ୍ରକ ଜିଲ୍ଲାରେ କେତେଟି ମେଗା ପାନୀୟ ଜଳ ପ୍ରକଳ୍ପ ହାତକୁ ନିଆଯାଇଛି ;(ଖ) ସେଗୁଡ଼ିକର ନାମ, ସ୍ଥାନ ଓ ପ୍ରକଳ୍ପ ଅନୁଯାୟୀ ଅନୁମାନିତ ବ୍ୟୟ କେତେ ; ଏହି ପ୍ରକଳ୍ପଗୁଡ଼ିକ ପାଇଁ ମୋଟ କେତେ ଟଙ୍କା ବଜେଟ୍ ବ୍ୟବସ୍ଥା କରାଯାଇଛି ; ପ୍ରତ୍ୟେକ ପ୍ରକଳ୍ପ କେବେ ସୁଦ୍ଧା ସମ୍ପୂର୍ଣ୍ଣ ହେବାକୁ ଲକ୍ଷ୍ୟ ରହିଛି ?

----

**Projects proposed for Cuttack District under the BCPPER Plan**

5749 **ଶ୍ରୀମତୀ ସୋଫିଆ ଫିରଦୋସ୍ (ବାରବାଟୀ-କଟକ):**

**ଗୃହ ନିର୍ମାଣ ଓ ନଗର ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- (a) The total number of RTI applications received, disposed of and pending in the State during the last five years, year-wise, along with the percentage of disposal; (b) The reasons for the pendency of undisposed applications and the steps taken to reduce the backlog; The prescribed application fee and the maximum time limit for disposal of RTI applications under the Act; The number of cases where penalty has been imposed for delay or non-compliance during the last five years, along with the amount involved; and the measures taken for effective implementation of the RTI Act ?

----

## କ୍ରୋମାଇଟ୍ ଯୋଗୁଁ ଜନସାଧାରଣ ଆକ୍ରାନ୍ତ

5783 **ଶ୍ରୀ ଅରବିନ୍ଦ ମହାପାତ୍ର (ପାଟକୁରା):**

**ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ଯାଜପୁର ଜିଲ୍ଲା ସୁକିନ୍ଦା ଉପତ୍ୟକାରେ ଥିବା କ୍ରୋମାଇଟ୍ ଖଣିଗୁଡିକରୁ ବାହାରୁ ଥିବା କ୍ରୋମାଇଟ୍ ପାଣି ଡମଶାଳା କେନାଲକୁ ଛାଡି ଥିବାରୁ ଢେଙ୍କାନାଳ ଜିଲ୍ଲା ଭୂନ ବ୍ଲକ ଓଡିଶା ଗ୍ରା ପଞ୍ଚାୟତର ଲୋକମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖିନ ହେଉଛନ୍ତି, ଭୂତଳ ଜଳ କ୍ରୋମାଇଟ୍ ଅଧିକ ଥିବାରୁ ଓଡିଶା ପଞ୍ଚାୟତର ଲୋକମାନେ cancer, କିଡନି, କମ ବୟସରୁ ସ୍ତ୍ରୀ ଲୋକ ଏବଂ ପୁରୁଷ ଲୋକଙ୍କର ଗୋଡ ବଙ୍କା ହୋଇଯାଉଥିବାରୁ ଖବର ସରକାର ଦୃଷ୍ଟି ଗୋଚରକୁ ଆସିଛି, ଯଦି ଆସିଛି ତାହେଲେ କେବେ କାର୍ଯ୍ୟକାରୀ ହେବ ?

----

## PRI ସଦସ୍ୟମାନଙ୍କ ଦକ୍ଷତା ବୃଦ୍ଧି

5803 **ଶ୍ରୀ ନୀଳମାଧବ ହିକକା (ବିଷମ -କଟକ):**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ରାଜ୍ୟ ସରକାର ତ୍ରିସ୍ତରୀୟ ପଞ୍ଚାୟତିରାଜ ବ୍ୟବସ୍ଥା ଅଧୀନରେ କେଉଁ କ୍ଷମତା କେବେ ଗ୍ରାମ ପଞ୍ଚାୟତକୁ ହସ୍ତାନ୍ତର କରିଛନ୍ତି, 2022 ରୁ ଅଦ୍ୟାବଧି, ରାୟଗଡା ଜିଲ୍ଲାର PRI ସଦସ୍ୟମାନଙ୍କର ଦକ୍ଷତା ବୃଦ୍ଧି ଦିଗରେ କି କାର୍ଯ୍ୟ ସମ୍ପାଦିତ ହୋଇଛି ?

----

## ପଥର କ୍ରସର ସମ୍ପର୍କରେ

5808 **ଶ୍ରୀ ପବିତ୍ର ସାଉଁନ୍ତା (ଲକ୍ଷ୍ମୀପୁର):**

**ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିः- ଲକ୍ଷ୍ମୀପୁର ନିର୍ବାଚନ ମଣ୍ଡଳୀରେ ସମୁଦାୟ କେତେ ଗୋଟି ପଥର କ୍ରସର ଅଛି; କାହା ମାଲିକାନାରେ ଅଛି, କେତେ ଗୋଟି ଚାଲୁ ଅଛି ଓ କେତେ ଗୋଟି ବନ୍ଦ ଅଛି, ଉକ୍ତ କ୍ରସର ଦ୍ୱାରା ସ୍ଥାନୀୟ ଅଞ୍ଚଳରୁ ବାୟୁ ପ୍ରଦୂଷଣ, ମୃତିକା ପ୍ରଦୂଷଣ, ଶବ୍ଦ ପଦୂଷଣ ଓ ଜଳ ପଦୂଷଣ ହେଉଥିବା ପରିପେକ୍ଷୀରେ ବାରମ୍ୱାର ଅଭିଯୋଗ ହେଉଥିଲେ ସୁଦ୍ଧା ସରକାର ଏଦିଗରେ ପଦକ୍ଷେପ ନେଉନଥିବାର କାରଣ କଣ, ପ୍ରତ୍ୟେକ କ୍ରସର କେତେ ଏକର (ପ୍ଲଟ ନଂ ବିବରଣୀ) ଜମି ଓ ବାର୍ଷିକ କେତେ ପରିମାଣର ପଥର ବିକ୍ରି ପାଇଁ ଅନୁମତି ପାଇଛନ୍ତି, ଗତ ପାଞ୍ଚ ବର୍ଷରେ କିଏ କେତେ ବିକ୍ରି କରିଛନ୍ତି, ଧାର୍ଯ୍ୟ ପରିମାଣ ରୁ ଅଧିକ ବିକ୍ରି କରୁଥିଲେ ସେମାନଙ୍କ ବିରୁଦ୍ଧରେ କଣ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ?

----

## ଭୂତଳ ଜଳ ଦୂଷିତ

5814 **ଶ୍ରୀ ପ୍ରସନ୍ନ ଆଚାର୍ଯ୍ୟ (ରେଢ଼ାଖୋଲ):**

**ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିः- (କ) ଆମ ରାଜ୍ୟରେ ଶିଳ୍ପ ତଥା କଳ-କାରଖାନାମାନଙ୍କରୁ ବାହାରୁଥିବା ଦୂଷିତ ଜଳ ଏବଂ ଅନ୍ୟ ବର୍ଯ୍ୟବସ୍ତୁ ଯୋଗୁଁ ଭୂତଳ ଜଳ ଦୂଷିତ ହେଉଥିବା ସମ୍ପର୍କରେ କୌଣସି ଅନୁସନ୍ଧାନ ଓ ଅନୁଶୀଳନ ହୋଇ ଅଛି କି, ଯଦି ହଁ ତାର ଫଳାଫଳ ସମ୍ପର୍କରେ ଜିଲ୍ଲାୱାରୀ ଓ ବ୍ଲକୱାରୀ ବିବରଣୀ ଦେବେ କି, (ଖ) ଏହାର ନିରାକରଣ ପାଇଁ ଗତ ପାଞ୍ଚ ବର୍ଷ ମଧ୍ୟରେ କି କି ପଦକ୍ଷେପ ଗ୍ରହଣ କରିଛନ୍ତି ଓ ତାର ଫଳା ଫଳ କଣ ?

----

## ଅନୁଦାନ ରାଶିର ସଠିକ୍ ବିନିଯୋଗ

5819 **ଶ୍ରୀ ସୀତାଂଶୁ ସେଖର ମହାପାତ୍ର (ଭଦ୍ରକ):**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିः- (କ) ୧୫ମ ଅର୍ଥ କମିଶନ ଅନୁସାରେ ୨୦୨୧—୨୬ ଅବଧି ପାଇଁ ଭଦ୍ରକ ଜିଲ୍ଲାର ପଞ୍ଚାୟତ, ବ୍ଲକ୍ ଏବଂ ପୌରସଭାଗୁଡିକୁ ମୋଟ କେତେ ଅର୍ଥରାଶି ଅନୁମୋଦନ ଓ ମୁକ୍ତ କରାଯାଇଛି ; (ଖ) ଏହି ଅନୁଦାନରେ ଭଦ୍ରକ ଜିଲ୍ଲାରେ କେଉଁ କେଉଁ ମୌଳିକ ସୁବିଧାମୂଳକ ପ୍ରକଳ୍ପ ଅନୁମୋଦନ ଓ କାର୍ଯ୍ୟକରୀ ହେଉଛି ଏବଂ ସେଗୁଡିକର ବର୍ତ୍ତମାନ ସ୍ଥିତି କ'ଣ, ଭଦ୍ରକ ଜିଲ୍ଲାର ଦ୍ରୁତ ନଗରୀକରଣ ଓ ଗ୍ରାମୀଣ ବିକାଶ ଆବଶ୍ୟକତାକୁ ଦୃଷ୍ଟିରେ ରଖି ୧୫ମ ଅର୍ଥ କମିଶନ ଅନୁଦାନର ସଠିକ୍ ଓ ତ୍ୱରିତ ବ୍ୟବହାର ପାଇଁ ସରକାର କୌଣସି ବିଶେଷ Monitoring ଏବଂ Implementation Mechanism ରଖିଛନ୍ତି କି ?

----

## ଗଙ୍ଗୁଆ ନଦୀର ପ୍ରଦୂଷଣ ସ୍ତର

5824 **ଡ଼ଃ ଅରୁଣ କୁମାର ସାହୁ (ନୟାଗଡ଼):**

**ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିः- ରାଜଧାନୀ ଭୁବନେଶ୍ୱରରେ ପ୍ରବାହିତ ଗଙ୍ଗୁଆ ନଦୀର ପ୍ରଦୂଷଣ ସ୍ତର କେତେ, କେଉଁ ବର୍ଜ୍ୟଗୁଡିକ ଏଥିରେ ମିଶୁଛି, ଗଙ୍ଗୁଆ ବର୍ଜ୍ୟ ଦୟାନଦୀରେ ମିଶୁଛି କି, ଯଦି ହଁ, ତେବେ ମିଶ୍ରଣ ସ୍ଥଳରେ ବିଶୋଧନଗାର କରିବେ କି ?

----

## ଝଡ଼ ବାତ୍ୟା ରୋକିବା ପାଇଁ ହେନ୍ତାଳ ବଣ ସୃଷ୍ଟି

6018 **ଶ୍ରୀ ଅଶ୍ୱିନୀ କୁମାର ପାତ୍ର (ଜଳେଶ୍ୱର):**

**ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ ସାମୁଦ୍ରିକ ଝଡ ବାତ୍ୟା ରୋକିବା ପାଇଁ ନୂଆ ହେନ୍ତାଳ ଜଙ୍ଗଲ ସୃଷ୍ଟି କରିବାକୁ ସରକାରଙ୍କର ସ୍ୱଳ୍ପ ମିଆଦୀ ତଥା ଦୀର୍ଘ ମିଆଦୀ ଯୋଜନା କ'ଣ, ଏଥି ସହିତ ସାମୁଦ୍ରିକ ଅଞ୍ଚଳରେ ଧନ ଜୀବନ ସୁରକ୍ଷିତ କରିବାକୁ ଆଉ କେଉଁ କାର୍ଯ୍ୟକ୍ରମ ଯୋଜନା ମୁତାବକ ନେଉଛନ୍ତି ଏବଂ ଆଗାମୀ ଦିନରେ ରୂପାୟନ କରିବେ ଏହାର ସବିଶେଷ ତଥ୍ୟ ସରକାର ଉପସ୍ଥାପନ କରିବେ କି ?

----

## ନିର୍ବାହୀ ଯନ୍ତ୍ରୀ ନିଯୁକ୍ତି

6019 **ଶ୍ରୀ ଅଶ୍ୱିନୀ କୁମାର ପାତ୍ର (ଜଳେଶ୍ୱର):**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ତ୍ରିସ୍ତରୀୟ ପଞ୍ଚାୟତ ରାଜ ବ୍ୟବସ୍ଥା ରାଜ୍ୟରେ କାର୍ଯ୍ୟକାରୀ ହେଉଥିବା ବେଳେ Engineering Cadre ନିଜସ୍ୱ ବିଭାଗରେ କେଉଁ ରୂପେ ଗଠିତ ହେବ କିମ୍ବା ଗଠନ ପ୍ରକ୍ରୀୟା ତ୍ୱରାନ୍ୱିତ ହେଉଛି, ଏଥିଲାଗି ସରକାରଙ୍କର ନୀତିଗତ ନିଷ୍ପତ୍ତି କ'ଣ, ପ୍ରତି ବ୍ଲକରେ ସର୍ବ ନିମ୍ନ କେତେ ଜଣ କନିଷ୍ଠ ଯନ୍ତ୍ରୀ, ସରକାରୀ ଯନ୍ତ୍ରୀ ଏବଂ ସରକାରୀ ନିର୍ବାହୀ ଯନ୍ତ୍ରୀ (AEE) କାର୍ଯ୍ୟ କରିବେ, ଏଭଳି ଯନ୍ତ୍ରୀ ଅଭାବରୁ ନିର୍ମାଣ କାର୍ଯ୍ୟ ବିଳମ୍ବିତ ହେଉଥିବା ସରକାର ଅନୁଭବ କରୁଛନ୍ତି କି ?

----

## Pollution levels in the rivers Kathajodi and Birupa

6020 **ଶ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ (ଆଠଗଡ):**

**ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (a) Whether the Government has conducted any assessment of the present pollution levels in the rivers Kathajodi, Birupa, Prachi and Bhargavi and their tributaries in the State; (b) If so, the details of the findings regarding water quality and pollution levels in these rivers; The steps taken by the Government to control pollution and restore the ecological health of these rivers and their sub-rivers; The action plan and budget provision proposed for conservation, pollution control, and rejuvenation of these rivers during the coming financial year?

----

## Granted forest and environmental clearance in the State

6021 **ଶ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ (ଆଠଗଡ):**

**ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (a) How many new industrial, mining and infrastructure projects have been granted forest and environmental clearance in the State during the last three years; District-wise details of forest land (in hectares) diverted for these projects, and (b) What steps have been taken for compensatory afforestation against such diversion of forest land?

----

## ବିକଶିତ ଗାଁ ଓ ବିକଶିତ ପଞ୍ଚାୟତ ଯୋଜନାରେ ଅର୍ଥ ମଞ୍ଜୁର

6022 **ଶ୍ରୀ ତାରା ପ୍ରସାଦ ବାହିନୀପତି (ଜୟପୁର):**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ବିକଶିତ ଗାଁ ଓ ବିକଶିତ ପଞ୍ଚାୟତ ଯୋଜନାରେ ଗତ ଦୁଇ ବର୍ଷ ମଧ୍ୟରେ କେଉଁ କେଉଁ ପଞ୍ଚାୟତକୁ କେତେ ଅର୍ଥ ମଞ୍ଜୁର କରାଯାଇଛି ; ଏହି ଅନୁଦାନରେ ପଞ୍ଚାୟତ ଗୁଡ଼ିକରେ କେଉଁ କେଉଁ ପ୍ରକାର ବିକାଶମୂଳକ କାମ ହାତକୁ ନିଆଯାଇଛି ?

----

## ଜଙ୍ଗଲ ବିଭାଗର ଉନ୍ନୟନ ମୂଳକ କାର୍ଯ୍ୟ

6023 **ଶ୍ରୀ ଦୁର୍ଗା ଚରଣ ତନ୍ତୀ (ରଘୁନାଥପଲ୍ଲୀ):**

**ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଜଙ୍ଗଲ ବିଭାଗରେ ହେଉଥିବା ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ଯଥା Forest Guard Quarter, Ranger Quarter, Eco - Tourism ର ବିଭିନ୍ନ କାର୍ଯ୍ୟକୁ କରିବା ପାଇଁ କୌଣସି ବୈଷୟିକ ଯନ୍ତ୍ରୀ ଅଛନ୍ତି କି; ଯଦି ନାହାନ୍ତି, ତେବେ ଏହାର Estimate ଏବଂ Measurement କିଏ କରୁଛନ୍ତି ତାର Guideline ଦେବେ କି ଏବଂ ବୈଷୟିକ ଯନ୍ତ୍ରୀ ରଖିବା ପାଇଁ ବ୍ୟବସ୍ଥା କରିବେ କି ?

----

## ସହାୟତା ରାଶି ପ୍ରଦାନ

6024 **ଶ୍ରୀ ବିଜୟ କୁମାର ଦଳବେହେରା (ବରମ୍ବା):**

**ଶ୍ରମ ଓ କର୍ମଚାରୀଙ୍କ ରାଜ୍ୟ ବୀମା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) କଟକ ଜିଲ୍ଲା ବଡ଼ମ୍ବା ନିର୍ବାଚନ ମଣ୍ଡଳୀରେ କେତେଜଣ କର୍ମଚାରୀ ESI କାର୍ଡଧାରୀ ଅଛନ୍ତି; ଗତ ୨ବର୍ଷ ମଧ୍ୟରେ ବଡ଼ମ୍ବା-ନରସିଂହପୁର ବ୍ଲକର କେତେଜଣ ଶ୍ରମିକଙ୍କୁ Medical Benefit, Sickness Benefit ଏବଂ Disablement/Dependants' Benefit କ୍ଷେତ୍ରରେ ସହାୟତା ଯୋଗାଇ ଦିଆଯାଇଛି ବର୍ଷୱାରୀ ସୂଚନା ଦେବେ କି; (ଖ) ପଞ୍ଜୀକୃତ ଶ୍ରମିକ ମାନଙ୍କ ମଧ୍ୟରୁ କୌଣସି ହିତାଧିକାରୀଙ୍କ ସହାୟତା ରାଶି ପ୍ରଦାନରେ ବିଳମ୍ବ ହେଉଥିବା କଥା ସତ୍ୟ କି; ଯଦି ହଁ ତେବେ ତାହାର କାରଣ ଏବଂ ସମାଧାନ ପାଇଁ ସରକାର କି ପଦକ୍ଷେପ ନେଉଛନ୍ତି ?

----

## ଏକ ଶୋକପିଟ୍ ନିର୍ମାଣ

**6025 ଶ୍ରୀ ବିଜୟ କୁମାର ଦଳବେହେରା (ବରମ୍ୟା):**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟର ଗ୍ରାମାଞ୍ଚଳରେ ନଳକୂପ ଓ ରାସ୍ତା କଡ଼ରେ ଜଳ ନିଷ୍କାସନ ପାଇଁ Swachh Bharat Mission ଏବଂ 15th Finance Commission ଗ୍ରାଣ୍ଟରୁ କେତୋଟି ଶୋକ୍ ପିଟ୍ ନିର୍ମାଣ କରାଯାଇଛି, ଏହାର ଜିଲ୍ଲାୱାରୀ ବିବରଣୀ ପ୍ରଦାନ କରିବେ କି; (କ) ଅନେକ ସ୍ଥାନରେ ଶୋକ୍ ପିଟ୍ ନିର୍ମାଣ ନକରି କେବଳ ମାଟି ଗାତ ଖୋଳି ଟଙ୍କା ହରିଲୁଟ୍ କରାଯାଇଥିବା ଏବଂ ବିନା ରିଙ୍ଗ୍ କିମ୍ୱା ସ୍ଲାବ୍‌ରେ ଅସତ୍ୟ ବିଲ୍ ପ୍ରସ୍ତୁତ କରାଯାଇଥିବା ଅଭିଯୋଗ ସରକାରଙ୍କ ନଜରକୁ ଆସିଛି କି; କାମର ନିମ୍ନ ମାନ ଓ ବ୍ୟାପକ ଆର୍ଥିକ ଅନିୟମିତତାକୁ ଦୃଷ୍ଟିରେ ରଖି ସରକାର ଏହି ପ୍ରକଳ୍ପ ଗୁଡ଼ିକର ଏକ 'Third Party Audit' କରାଇ ବେ କି; ଏବଂ ଦୋଷୀ ଅଧିକାରୀଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ କି?

----

## କଲ୍ୟାଣ ମଣ୍ଡପ ନିର୍ମାଣ

**6026 ଶ୍ରୀ ପଦ୍ମଲୋଚନ ପଣ୍ଡା (ସିମୁଳିଆ):**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ସିମୁଳିଆ ଓ ଖଇରା ବ୍ଲକରେ କେଉଁ କେଉଁ ଗ୍ରାମ ପଞ୍ଚାୟତରେ କଲ୍ୟାଣ ମଣ୍ଡପ ଅଛି, ପଞ୍ଚାୟତର ନିଜସ୍ୱ ଆୟ ବୃଦ୍ଧି ନିମନ୍ତେ ପ୍ରତ୍ୟେକ ପଞ୍ଚାୟତରେ କଲ୍ୟାଣ ମଣ୍ଡପ ନିର୍ମାଣ ପାଇଁ ପଦକ୍ଷେପ ନେବେ କି ?

----

## ମେଟ୍ରୋ ପ୍ରକଳ୍ପ

**6027 ଶ୍ରୀ ପଦ୍ମଲୋଚନ ପଣ୍ଡା (ସିମୁଳିଆ):**

**ଗୃହ ନିର୍ମାଣ ଓ ନଗର ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଭୁବନେଶ୍ୱରରେ ପ୍ରସ୍ତାବିତ ମେଟ୍ରୋ ରେଳ ପ୍ରକଳ୍ପ କେଉଁଠାରୁ କେଉଁ ପର୍ଯ୍ୟନ୍ତ କରିବାକୁ ପ୍ରସ୍ତାବ ଅଛି, ଏଥିପାଇଁ କେତେ ବ୍ୟୟ ଅଟକଳ କରାଯାଇଛି, ଏହି ପ୍ରକଳ୍ପ କାର୍ଯ୍ୟ କେବେସୁଦ୍ଧା ଆରମ୍ଭ ହୋଇ କେବେ ଶେଷ ହେବ?

----

## ଅନ୍ତୋଦୟ ଗୃହ ବଣ୍ଟନ

**6028 ଶ୍ରୀ ଗଣେଶ୍ୱର ବେହେରା (କେନ୍ଦ୍ରାପଡା):**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) ଅନ୍ତୋଦୟ ଗୃହ ଯୋଜନାରେ ରାଜ୍ୟରେ ବର୍ତ୍ତମାନ ସୁଦ୍ଧା କେତେ କେତେ ସଂଖ୍ୟାରେ ଗୃହ ବିଭିନ୍ନ ଜିଲ୍ଲାମାନଙ୍କୁ ଟାର୍ଗେଟ ଦିଆଯାଇଅଛି ଓ ୨୦୨୬-୨୭ ବର୍ଷରେ କେତେ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଅଛି; (ଖ) ଲକ୍ଷ୍ୟ ଧାର୍ଯ୍ୟ ହୋଇଥିବା ଅନ୍ତୋଦୟ ଗୃହ ମଧ୍ୟରୁ ବର୍ତ୍ତମାନ ସୁଦ୍ଧା କେତେ ଶତାଂଶ ନିର୍ମାଣ କାର୍ଯ୍ୟ ଶେଷ ହୋଇଛି ?

----

## ଦାଦନ ସମସ୍ୟାର

6029 **ଶ୍ରୀ ଗଣେଶ୍ୱର ବେହେରା (କେନ୍ଦ୍ରାପଡା):**

**ଶ୍ରମ ଓ କର୍ମଚାରୀଙ୍କ ରାଜ୍ୟ ବୀମା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟର କେଉଁ କେଉଁ ଜିଲ୍ଲାରୁ କେତେ କେତେ ସଂଖ୍ୟକ ଶ୍ରମିକ ଭିନ୍ନ ରାଜ୍ୟ ମାନଙ୍କୁ ଦାଦନ ଖଟିବାକୁ ଯାଉଛନ୍ତି ତାର ଆକଳନ କରାଯାଇଛି କି; ଯଦି ହଁ, ତେବେ ତାହାର ସବିଶେଷ ବିବରଣୀ ଦେବେ କି ଓ ଦାଦନ ସମସ୍ୟାର ସମାଧାନ ପାଇଁ ଗଠିତ ମାନ୍ୟବର ଉପ-ମୁଖ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଗଠିତ କମିଟି କି କି ସୁପାରିଶମାନ କରିଛନ୍ତି ?

----

## ପ୍ରଦୂଷଣ ନିରାକରଣ

6030 **ଶ୍ରୀ ସୌଭିକ୍ ବିଶ୍ୱାଳ (ଚୌଦ୍ୱାର-କଟକ):**

**ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- କଟକ ସହର ସହିତ ରାଜ୍ୟର କେଉଁ ସହରରେ ବାୟୁ ପ୍ରଦୂଷଣ, ଜଳ ପ୍ରଦୂଷଣ, ଶବ୍ଦ ପ୍ରଦୂଷଣ, ଭୂମୀ ପ୍ରଦୂଷଣ ମାତ୍ରା କେତେ ଅଛି ପ୍ରକାଶ କରି ଏଠାରେ ପ୍ରଦୂଷଣ ନିରାକରଣ ପାଇଁ କି ପଦକ୍ଷେପ ଗ୍ରହଣ କରାଯାଇଛି ?

----

## ଖଣିମାନଙ୍କରେ ପରିବେଶ ପ୍ରଦୂଷଣ ରୋକିବା

6031 **ଶ୍ରୀ ସୌଭିକ୍ ବିଶ୍ୱାଳ (ଚୌଦ୍ୱାର-କଟକ):**

**ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ କାର୍ଯ୍ୟକ୍ଷମ ଖଣି ମାନଙ୍କରେ ପରିବେଶ ପ୍ରଦୂଷଣ ରୋକିବାକୁ କି ପଦକ୍ଷେପ ଗ୍ରହଣ କରାଯାଉଛି ?

----

## ପରିବେଶ ମଞ୍ଜୁରୀ

6032 **ଶ୍ରୀ ଦେବୀ ରଞ୍ଜନ ତ୍ରିପାଠୀ (ବାଙ୍କୀ):**

**ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟର କେତୋଟି ଜଙ୍ଗଲ ଜମି ହସ୍ତାନ୍ତର ସମ୍ପର୍କୀୟ ପରିବେଶ ମଞ୍ଜୁରୀ ପ୍ରସ୍ତାବ କେନ୍ଦ୍ର ସରକାରଙ୍କ ନିକଟରେ ବଚାରାଧୀନ ଅଛି ତାହାର ତାଲିକା ଦର୍ଶାଇ ଏହି ପରିବେଶ ମଞ୍ଜୁରୀ ପ୍ରସ୍ତାବ ଅନୁମୋଦନ ସୁସଂହିତ ପାଇଁ କି ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରାଯାଉଛି ?

----

## ଜଳ ଯୋଗାଇଦେବା ପାଇଁ ପଦକ୍ଷେପ

6033 **ଶ୍ରୀ ଦେବୀ ରଞ୍ଜନ ତ୍ରିପାଠୀ (ବାଙ୍କୀ):**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ରାଜ୍ୟର କେଉଁ ଜିଲ୍ଲାରେ ଗ୍ରାମାଞ୍ଚଳରେ ମୁଣ୍ଡପିଛା ପାନୀୟଜଳ ଓ ସ୍ନାନ ଶୌଚ ପାଇଁ କେତେ ଜଳର ଆବଶ୍ୟକତା ଥିବାବେଳେ ସରକାର କେତେ ପରିମାଣର ଜଳ ଯୋଗାଇଦେବାକୁ ବ୍ୟବସ୍ଥା କରିଛନ୍ତି, ଲୋକଙ୍କ ଜଳର ଆବଶ୍ୟକତା ଥିବା ପାଇଁ ପର୍ଯ୍ୟାପ୍ତ ଜଳ ଯୋଗାଣ ପାଇଁ କି ଯୋଜନା କରୁଛନ୍ତି ?

----

## ସହର ସୌନ୍ଦର୍ଯ୍ୟକରଣ

6034 **ଶ୍ରୀ ଅନନ୍ତ ନାରାୟଣ ଜେନା (ଭୁବନେଶ୍ୱର-ମଧ୍ୟ)ଃ**

**ଗୃହ ନିର୍ମାଣ ଓ ନଗର ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ରାଜଧାନୀ ଭୁବନେଶ୍ୱରକୁ ବିଶ୍ୱସ୍ତରୀୟ ରୂପ ଦେବାକୁ ସୌନ୍ଦର୍ଯ୍ୟକରଣ ପରିକଳ୍ପନା କରୁଥିବା ବେଳେ ଏଠାରେ ସହରୀବିକାଶ ଯୋଜନାର ସ୍ଥିତି କଣ ; ରାଜଧାନୀବାସୀଙ୍କୁ ସ୍ୱଚ୍ଛତା, ପ୍ରଦୂଷଣମୁକ୍ତ ବର୍ଜ୍ୟବସ୍ତୁ ସଂଗ୍ରହ, ଆଦର୍ଶ ଗୋଶାଳା, ବୁଲାକୁକୁର ବନ୍ଧ୍ୟାକରଣ ଓ ରାବିଜଟୀକା ପ୍ରଦାନ, ବର୍ଜ୍ୟଜଳ ନିଷ୍କାସନ ଆଦି ଦିଗରେ ସରକାର କି ପ୍ରକାର ବିକାଶଶୀଳ ସେବା ପ୍ରଦାନ କରୁଛନ୍ତି ; ନାଳ ନଥିବା କେଉଁ ସ୍ଥାନମାନଙ୍କରେ ନୂତନ ନାଳ ତିଆରି କରିବା ନିମିତ୍ତ କି ପଦକ୍ଷେପ ଗ୍ରହଣ କରିଥିବା ବେଳେ ବିଭିନ୍ନ ସ୍ଥାନରେ ଥିବା ପାର୍କମାନଙ୍କର ସ୍ଥିତି ଅତ୍ୟନ୍ତ ସଂଗୀନ ଥିବା ସ୍ଥଳ ଗୁଡିକର ଉନ୍ନତିକରଣ ପାଇଁ ପଦକ୍ଷେପ ନେବେ କି?

----

## Forest diversion proposal

6035 **ଶ୍ରୀ ସାଗର ଚରଣ ଦାସ (ଭାବନୀପାଟଣା)ଃ**

**ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- What is the district-wise data of forest diversion proposals approved in western Odisha for mining, roads or industry since 2022, and what environmental safeguards were mandated?

----

## AI ପ୍ରଯୁକ୍ତି ବିଦ୍ୟାର ପ୍ରୟୋଗ

6036 **ଶ୍ରୀ ସାରଦା ପ୍ରସାଦ ନାୟକ (ରାଉରକେଲା)ଃ**

**ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ)ରାଜ୍ୟରେ ଜଳବାୟୁ ପରିବର୍ତ୍ତନ ମୁକାବିଲା ପାଇଁ ରାଜ୍ୟର ସଂବେଦନଶୀଳ ଜଙ୍ଗଲ ଅଞ୍ଚଳଗୁଡିକରେ ବଣାଗ୍ନି (Forest fire) ର ପୂର୍ବାନୁମାନ, ନିରୀକ୍ଷଣ ଓ ପ୍ରତିରୋଧ ପାଇଁ ସରକାର କୌଣସି କୃତ୍ରିମ ବୁଦ୍ଧିମତ୍ତା (Artificial Intelligence-AI) ଆଧାରିତ ପ୍ରଯୁକ୍ତି ଆପଣାଇଛନ୍ତି କି ; (ଖ) ଯଦି ଆପଣାଇନଥିବେ, ତେବେ ଉକ୍ତ AI ଆଧାରିତ ପ୍ରଯୁକ୍ତି, ସଫ୍ଟୱେର, ଡିଜିଟାଲ୍ ମନିଟରିଂ ପ୍ରଣାଳୀ କିମ୍ବା ସ୍ୟାଟେଲାଇଟ୍ ଆଧାରିତ ବ୍ୟବସ୍ଥା ଗୁଡିକର ନାମ, ପ୍ରକାର ଓ କାର୍ଯ୍ୟ ପ୍ରଣାଳୀ ସମ୍ବନ୍ଧୀୟ ସବିଶେଷ ବିବରଣୀ କଣ ; ଉକ୍ତ ପ୍ରଯୁକ୍ତିଗୁଡିକ ରାଜ୍ୟର କେଉଁ କେଉଁ ଜିଲ୍ଲା ଓ ବନ୍ୟ ଅଞ୍ଚଳରେ ପରୀକ୍ଷାମୂଳକ କିମ୍ବା ପୂର୍ଣ୍ଣଭାବେ ରୂପାୟନ କରାଯାଇଛି ଓ ତାହାର ବର୍ତ୍ତମାନ ରୂପାୟନ ସ୍ଥିତି କଣ ; ଏହି ପ୍ରଯୁକ୍ତିର ରୂପାୟନ ପାଇଁ ସରକାର କେତେ ଅର୍ଥ ବ୍ୟୟ କରିଛନ୍ତି, କେଉଁ ସଂସ୍ଥା କିମ୍ବା ଏଜେନ୍ସି ମାଧ୍ୟମରେ ଏହା କାର୍ଯ୍ୟାନ୍ୱୟନ କରାଯାଉଛି ?

----

## ପ୍ରାପ୍ୟ ବୃଦ୍ଧି କରିବା ପାଇଁ ପଦକ୍ଷେପ

6037 **ଶ୍ରୀ ନୀଳମାଧବ ହିକକା (ବିଷମ -କଟକ):**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- SEMଙ୍କୁ ପ୍ରଦାନ କରାଯାଉଥିବା Rs. 3250.00, କୁ ପ୍ରାପ୍ୟ ନୁହେଁ ଭିନ୍ନକ୍ଷମ ଭତ୍ତା' ବୋଲି କୁହାଯାଉଅଛି; ଏହି (Rs. 3250.00) କେବେ ଠାରୁ ଲାଗୁ ହୋଇଛି; ଜଳ ସଂକ୍ରାନ୍ତ ଓ SEMମାନଙ୍କ ପରିଶ୍ରମ ବିଶେଷକରି ପାହାଡ଼ିଆ ଅଞ୍ଚଳରେ ବହୁତ ଅଧିକ ଥିବା ସରକାର ଅନୁଭବ କରନ୍ତି କି; ଦୀର୍ଘ ଦିନର ଦାବୀ ଓ କାର୍ଯ୍ୟର ଗୁରୁତ୍ୱକୁ ମୂଲ୍ୟାଙ୍କନ କରି ପ୍ରାପ୍ୟକୁ ବୃଦ୍ଧି କରି Rs. 10,500.00 କରିବେ କି?

----

## ଷ୍ଟ୍ରିଟ୍ ଲାଇଟ୍ ମରାମତି

6038 **ଶ୍ରୀ ସଂଜୀବ କୁମାର ମଲ୍ଲିକ (ଭଣ୍ଡାରୀପୋଖରୀ):**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) ଭଦ୍ରକ ଜିଲ୍ଲାର ଭଣ୍ଡାରିପୋଖରୀ ନିର୍ବାଚନ ମଣ୍ଡଳୀର ଗ୍ରାମପଞ୍ଚାୟତ ଗୁଡ଼ିକରେ ନୂତନ କରି ସ୍ଥାପିତ ହୋଇଥିବା ବହୁ ଷ୍ଟ୍ରିଟ୍ ଲାଇଟ୍ ବର୍ତ୍ତମାନ ଅଚଳ ଅବସ୍ଥାରେ ପଡ଼ି ରହିଥିବା ବିଷୟ ସରକାରଙ୍କ ଦୃଷ୍ଟିଗୋଚରରେ ଆସିଛି କି, (ଖ) ଉକ୍ତ ଷ୍ଟ୍ରିଟ୍ ଲାଇଟ୍ ଗୁଡ଼ିକର ରକ୍ଷଣାବେକ୍ଷଣ ଓ ମରାମତି କାହା ଦାୟିତ୍ୱରେ ରହିଛି, ଅଚଳ ହୋଇଥିବା ଷ୍ଟ୍ରିଟ୍ ଲାଇଟ୍ ଗୁଡ଼ିକୁ କେବେ ସୁଦ୍ଧା ମରାମତି କରାଯିବା ପାଇଁ ସରକାର କେଉଁ ପଦକ୍ଷେପ ଗ୍ରହଣ କରିଛନ୍ତି, ଏହା ସମ୍ବନ୍ଧରେ ଲୋକମାନେ ଅଭିଯୋଗ କରିବାକୁ ଚାହିଁଲେ କେଉଁ କାର୍ଯ୍ୟାଳୟ କିମ୍ବା ଅଧିକାରୀଙ୍କ ପାଖରେ ଅଭିଯୋଗ କରିପାରିବେ ?

----

## Mega Rural Pipe Water Projects

6039 **ଶ୍ରୀ ଓମ୍ ପ୍ରକାଶ ମିଶ୍ର (ସତ୍ୟବାଦୀ):**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (a) Whether it is a fact that 191 mega rural pipe water supply projects were pending completion in

2024-25 and that a phased plan was drawn up to complete them by June 2026. details of the three-phase plan, project-wise be furnished; (b) Out of these 191 projects, how many were sanctioned and grounded by the previous government but not completed within time and cost norms, and actually commissioned after June 2024 under the present government. project-wise details be given; Whether any of these mega projects cover Satyabadi, Delang or Kanas blocks of Puri district. if so, their present status, reasons for delay and steps being taken under the current Budget 2026-27 to ensure their completion by the declared deadline of June 2026 ?

----

**Release of MLA LAD Payment**

**6040 ଶ୍ରୀମତୀ ସୋଫିଆ ଫିରଦୋସ୍ (ବାରବାଟୀ-କଟକ):**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (a) With reference to UDAQ No. 1681 dated 24.02.2026 regarding withholding of payments for Departmental and MLA LAD works due to audit or scrutiny, whether the Department has since collected the required information; (b) The average and maximum number of days for which such payments are withheld; The prescribed time limit for completion of audit or scrutiny and whether it is being followed and the year-wise details of withheld amounts released and amounts still pending, with reasons ?

----

**ଅସମ୍ପୂର୍ଣ୍ଣ ଥିବା ପ୍ରକଳ୍ପ**

**6041 ଶ୍ରୀ ରାମ ଚନ୍ଦ୍ର କାଡାମ୍ (ପଟାଙ୍ଗୀ):**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ପଟ୍ଟାଙ୍ଗୀ ନିର୍ବାଚନ ମଣ୍ଡଳୀ ସହ କୋରାପୁଟ ଜିଲ୍ଲାର ପଛୁଆ ଓ ଆଦିବାସୀ ପ୍ରବଳ ଅଞ୍ଚଳଗୁଡ଼ିକ ପାଇଁ ବଜେଟରେ ବିଶେଷ ଅଞ୍ଚଳ ଉନ୍ନୟନ ଅନୁଦାନ ରାଶି ମଞ୍ଜୁର ହୋଇଥିବା ସତ୍ତ୍ୱେ ଅନେକ ପ୍ରକଳ୍ପ ଅସମ୍ପୂର୍ଣ୍ଣ ଅବସ୍ଥାରେ ରହିଛି କି ; ପଟ୍ଟାଙ୍ଗୀ ଅଞ୍ଚଳ ପାଇଁ ବିଭାଗୱାରୀ କେତେ ଅର୍ଥ ମଞ୍ଜୁର ହୋଇଥିଲା ଓ ବାସ୍ତବରେ କେତେ ଅର୍ଥ ବ୍ୟୟ ହୋଇଛି, ତାହାର ପ୍ରକଳ୍ପୱାରୀ ବିବରଣୀ ରଖିବେ କି; ଅବ୍ୟୟିତ ଅର୍ଥର କାରଣ କଣ ଏବଂ କେବେ ସୁଦ୍ଧା ସେହି ପ୍ରକଳ୍ପଗୁଡ଼ିକ ସମ୍ପୂର୍ଣ୍ଣ କରାଯିବ ?

----

**V.R.P. ଙ୍କୁ ପ୍ରାପ୍ୟ ପ୍ରଦାନ**

**6042 ଶ୍ରୀ ଚକ୍ରମଣି କହଁର (ବାଲିଗୁଡା):**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟ ସରକାରଙ୍କ ଅଧିନରେ କେତେଜଣ VRP କାର୍ଯ୍ୟରତ ଅଛନ୍ତି, ସେମାନଙ୍କର କାମ କଣ ଓ କେଉଁ ସ୍ଥାନରେ ସେମାନଙ୍କୁ କାମ କରିବାକୁ ସରକାର ବ୍ୟବସ୍ଥା କରିଛନ୍ତି, ସେମାନଙ୍କୁ ସରକାର ମାସକୁ କେତେ ଦିନ କାର୍ଯ୍ୟ ଯୋଗାଇଥାନ୍ତି ଓ କେତେ ପାରିଶ୍ରମିକ ଦେଇଥାନ୍ତି, ସେମାନଙ୍କୁ ପ୍ରାପ୍ୟ ଦିଆଯିବାର guideline କଣ ?

----

## ଆଡ଼ିବନ୍ଧ ନିର୍ମାଣ

6043 **ଶ୍ରୀ ପ୍ରଶାନ୍ତ ବେହେରା (ସାଲେପୁର):**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ବିଗତ ତିନି ବର୍ଷରେ ପଞ୍ଚାୟତିରାଜ ବିଭାଗ ତରଫରୁ କେଉଁ ଜିଲ୍ଲାର କେଉଁ ବ୍ଲକରେ କେତେଗୋଟି ଆଡିବନ୍ଧ ନିର୍ମାଣ ହୋଇ କେତେଜମିକୁ ଜଳସେଚନର ସୁବିଧା ପ୍ରଦାନ କରାଯାଇଛି, କେତୋଟି ନିର୍ମାଣାଧିନ ଅଛି, ଏହାକୁ ପୂର୍ଣାଙ୍ଗ ପାଇଁ କି ପଦକ୍ଷେପ ଗ୍ରହଣ କରାଯାଉଅଛି ?

----

## ଅନୁମୋଦିତ ଆପାର୍ଟମେଣ୍ଟ

6044 **ଶ୍ରୀ ବିଭୁତି ଭୁଷଣ ବଳବନ୍ତରାୟ (ଜଟଣୀ):**

**ଗୃହ ନିର୍ମାଣ ଓ ନଗର ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଜଟଣୀ ନିର୍ବାଚନ ମଣ୍ଡଳୀରେ କେଉଁ କେଉଁ ମୌଜାରେ ଆପାର୍ଟମେଣ୍ଟ ଗୃହ ନିର୍ମାଣ ଡ୍ୟୁପ୍ଲେକ୍ସ ନିର୍ମାଣ ହୋଇଛି ତନ୍ମଧ୍ୟରୁ କେତୋଟି ଅନୁମୋଦିତ ହୋଇଛି ?

----

## ବୃକ୍ଷ ରୋପଣ

6045 **ଶ୍ରୀ ବିଭୁତି ଭୁଷଣ ବଳବନ୍ତରାୟ (ଜଟଣୀ):**

**ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଶିଖରଚଣ୍ଡୀ, ପାଦପଦ୍ମସ୍ଥଳୀ, ଅନ୍ଧାରୁଆ ସହିତ ବିଭିନ୍ନ ଐତିହ୍ୟସ୍ଥଳୀରେ ବୃକ୍ଷ ରୋପଣ ସହିତ ଏହାର ପରିବେଶ ପର୍ଯ୍ୟଟକ ଭିତ୍ତିଭୂମି ଉନ୍ନୟନ ପାଇଁ କି ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରାଯାଉଛି ?

----

## ପାର୍କିଂ ଫି ଆଦାୟ

6046 **ଶ୍ରୀ ବ୍ୟୋମକେଶ ରାୟ (ଚାନ୍ଦବାଲି):**

**ଗୃହ ନିର୍ମାଣ ଓ ନଗର ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ମୁନିସିପାଲିଟି ଅଞ୍ଚଳରେ ପାର୍କିଂ ଫି ଆଦାୟ ପ୍ରଣାଳୀକୁ ସରଳୀକରଣ ଓ ସମନ୍ୱୟତା ଆଣିବା ପାଇଁ ସରକାର କଣ କଣ ବ୍ୟବସ୍ଥା ଗ୍ରହଣ କରିଛନ୍ତି; ଏହା ସତ୍ୟ କି ଯେ ଜଣେ ବ୍ୟକ୍ତି ଯଦି ଗୋଟିଏ ଦିନରେ ଗୋଟିଏ ସ୍ଥାନରେ ପାର୍କିଂ ଫି ଦେଇଥାନ୍ତି ଏବଂ ପରେ ସେହି ଦିନରେ ଅନ୍ୟାନ୍ୟ କେତେକ ସ୍ଥାନକୁ ଯାଇଥାନ୍ତି, ତେବେ ପ୍ରତ୍ୟେକ ସ୍ଥାନରେ ପୁଣିଥରେ ପାର୍କିଂ ଫି ଆଦାୟ କରାଯାଉଛି, ଯେଉଁଥିପାଇଁ ସାଧାରଣ ଲୋକମାନେ ବହୁତ ହଇରାଣ ହେଉଛନ୍ତି; ଯଦି ସତ୍ୟ, ତେବେ ବିଏମସି ପକ୍ଷରୁ ପାର୍କିଂ ଫି ଆଦାୟରେ ଗୋଟିଏ ନିର୍ଦ୍ଦିଷ୍ଟ ଭାଲିଡିଟି ସମୟସୀମା (ଯଥା ୬ ଘଣ୍ଟା, ୮ ଘଣ୍ଟା କିମ୍ବା ଗୋଟିଏ ଦିନ) ନିର୍ଦ୍ଧାରଣ କରି ଏକାଥର ଫି ଦେଲେ ସେହି ସମୟସୀମା ମଧ୍ୟରେ ଅନେକ ସ୍ଥାନରେ ପାର୍କିଂ ସୁବିଧା ମିଳିବା ପାଇଁ କୌଣସି ଯୋଜନା କିମ୍ବା ପ୍ରସ୍ତାବ ବିଚାରାଧୀନ ଅଛି କି?

----

## ଦୁର୍ନୀତି ତଦନ୍ତ ତ୍ୱରାନ୍ୱିତ କରିବା

6047 **ଶ୍ରୀ କାଡ୍ରାକା ଆପାଲାସ୍ୱାମି (ରାୟଗଡା):**

**ଶ୍ରମ ଓ କର୍ମଚାରୀଙ୍କ ରାଜ୍ୟ ବୀମା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାୟଗଡ଼ା ଜିଲ୍ଲା ଶ୍ରମ କାର୍ଯ୍ୟାଳୟ ଦୁର୍ନୀତି ବା ଠକେଇ ସଂକ୍ରାନ୍ତରେ EOW ଥାନା ମାମଲା ସଂଖ୍ୟା -୦୬/୨୦୨୫ ତଦନ୍ତର ସ୍ଥିତାବସ୍ଥା ସମ୍ବନ୍ଧରେ ଜଣାଇବେ କି; ଏହି ଦୁର୍ନୀତିରେ ଅନେକ ଆଦିବାସୀଙ୍କ ସହାୟତା ରାଶି ଠକେଇ ହୋଇଛି ; ଏହି ଠକେଇ ରାୟଗଡ଼ା ଜିଲ୍ଲାରୁ ବର୍ତ୍ତମାନ ନୂଆପଡା ଜିଲ୍ଲା ପର୍ଯ୍ୟନ୍ତ ଚେର ଲମ୍ବି ଚାଲିଛି; ଏ ନେଇ ସରକାର ଅବଗତ ଅଛନ୍ତି କି ?

----

## ଆର୍ଥିକ ଅନିୟମିତତା

6048 **ଶ୍ରୀ ମାଧବ ଧଡା (ସୋରୋ):**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) ଅଣତାରକା ପ୍ରଶ୍ନ 1897 ତା.24.02.2026 ର ଉତ୍ତର ପରିପ୍ରେକ୍ଷୀରେ 13th CFC ର ଆର୍ଥିକ ଅନିୟମିତତା ସମ୍ପର୍କରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନର ଚୂଡାନ୍ତ ନିଷ୍ପତ୍ତି ପାଇଁ ନିଆଯାଇଥିବା ପଦକ୍ଷେପ ବର୍ତ୍ତମାନ ସୁଦ୍ଧା ସରକାର ଗ୍ରହଣ କରିଥିବା କାର୍ଯ୍ୟାନୁଷ୍ଠାନ ସମ୍ବନ୍ଧରେ ଅଭିଯୋଗଓ୍ୱାରୀ ତଥ୍ୟ ଉପସ୍ଥାପନ କରିବେ କି, ଏବଂ କେବେସୁଦ୍ଧା ଦୁର୍ନୀତି ସମ୍ବନ୍ଧେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ?

----

## ପୋଖରୀର ସୌନ୍ଦର୍ଯ୍ୟକରଣ

6049 **ଶ୍ରୀ ମାଧବ ଧଡା (ସୋରୋ):**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- PR&DW ବିଭାଗ ର ପତ୍ର ସଂଖ୍ୟା PR -NREG --PG-0290-2025-2142 ତାରିଖ 21.01.2026 ମୁତାବକ ସୋରୋ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ସୋରୋ ପଞ୍ଚାୟତ ସମିତି ଅଧିନସ୍ଥ ପାଖର ଗ୍ରାମପଞ୍ଚାୟତ ର 2022-23 ମସିହା ରେ MGNREGS ଯୋଜନା ରେ ଗେଲେହେଇ ପୋଖରୀ ର ସୌନ୍ଦର୍ଯ୍ୟକରଣ କାର୍ଯ୍ୟରେ ନିୟୋଜିତ ଦିନ ମଜୁରିଆଙ୍କ ବକେୟା ମଜୁରୀ ଅର୍ଥ ରାଶି ପ୍ରଦାନ ପାଇଁ ଦିନ ମଜୁରିଆ ଙ୍କ ଅଭିଯୋଗ କୁ ଆଧାର କରି ପାଖର ଗ୍ରାମପଞ୍ଚାୟତର ଅଧିକାରୀଙ୍କ ଠାରୁ ବକେୟା ଅର୍ଥ ରାଶି Recovery କରିବା ପାଇଁ ନିର୍ଦ୍ଦେଶ ଥିଲା ବେଳେ 2 ମାସ ବିତି ଯାଇଥିଲେ ମଧ୍ୟ ମୁଖ୍ୟ ଉନ୍ନୟନ ଅଧିକାରୀ, ବାଲେଶ୍ୱର ଜିଲ୍ଲାପରିଷଦ, କେଉଁ ପ୍ରକାର ପଦକ୍ଷେପ ନେଇ କେତେ ପାଣ୍ଠି Recovery କରିଛନ୍ତି ?

----

## Land encroachment

6050 **ଶ୍ରୀ ଓମ୍ ପ୍ରକାଶ ମିଶ୍ର (ସତ୍ୟବାଦୀ):**

**ଗୃହ ନିର୍ମାଣ ଓ ନଗର ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- Over the last two years (2024-2026), more than 5,000 acres of farmland in Satyabadi and Kanas panchayats have been illegally grabbed due to Bhubaneswar Development Authority's (BDA) unchecked urban expansion under its master plan, Despite Rs 10,738 crore allocated for urban development in Budget 2026-27, this has led to at least 12 reported farmer suicides from lost livelihoods and flooded 20,000 rural homes with slum spillover, Will the Govt. furnish a full district-wise information listing affected plots, blacklisted developers, exact compensation paid to victims, and confirm why no protective buffer zone was gazetted for Satyabadi block to stop this encroachment tsunami ?

----

## କର୍ମଚାରୀଙ୍କୁ ସୁବିଧା ପ୍ରଦାନ

6051 **ଶ୍ରୀ ନୀଳମାଧବ ହିକକା (ବିଷମ -କଟକ):**

**ଶ୍ରମ ଓ କର୍ମଚାରୀଙ୍କ ରାଜ୍ୟ ବୀମା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଅଭିଭକ୍ତ କୋରାପୁଟ ଜିଲ୍ଲାରେ, ଜୁଲ୍ଲାଇ 2025 ରୁ ଡିସେମ୍ବର 2025 ମଧ୍ୟରେ, (କ) Out Sourcing Agency ଓ କର୍ମଚାରୀ ଅଧାରରେ ଜିଲ୍ଲା/ବିଭାଗ ଭିତ୍ତିକ କାର୍ଯ୍ୟରତ କର୍ମଚାରୀଙ୍କ ସଂଖ୍ୟା ପ୍ରକାଶ ପୂର୍ବକ କାର୍ଯ୍ୟରତ କର୍ମଚାରୀଙ୍କୁ Salary Slip, EPF, ESIC, Insurance, ଭତ୍ତା, Uniform ସୁବିଧା ପ୍ରଦାନ ପ୍ରକାଶ କରିବେ କି, (ଖ) ଜିଲ୍ଲା ଶ୍ରମ ଅଧିକାରୀ କେଉଁ ବିଭାଗକୁ ପରିଭ୍ରମଣରେ ଯାଇ କେଉଁ ବିଷୟରେ ଚର୍ଚ୍ଚା ବା Awareness କାର୍ଯ୍ୟକ୍ରମ ଆୟୋଜନ କରିଛନ୍ତି ?

----

## ବୃକ୍ଷ ରୋପଣ

6052 **ଶ୍ରୀ ବ୍ୟୋମକେଶ ରାୟ (ଚାନ୍ଦବାଲି):**

**ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିः- (କ) ରାଜ୍ୟର ସ୍କୁଲ୍, କଲେଜ୍ ଏବଂ ବିଶ୍ୱବିଦ୍ୟାଳୟ ମଧ୍ୟରେ ବୃକ୍ଷରୋପଣ (Afforestation) କରିବା ପାଇଁ ସରକାର କେମିତି କେମିତି ବ୍ୟବସ୍ଥା ଗ୍ରହଣ କରିଛନ୍ତି, (ଖ) ଏପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ସ୍କୁଲ୍, କଲେଜ ଓ ବିଶ୍ୱବିଦ୍ୟାଳୟ ପରିସରରେ କେତେ ସଂଖ୍ୟକ ଗଛ ଲଗାଯାଇଛି, ଜିଲ୍ଲାଭିତ୍ତିକ ତଥ୍ୟ ଦିଆଯିବ କି, ଏହି ବୃକ୍ଷରୋପଣ କାର୍ଯ୍ୟକ୍ରମ ପାଇଁ ସରକାର କେତେ ଅର୍ଥ ବ୍ୟୟ କରିଛନ୍ତି, ଏହି କାର୍ଯ୍ୟକ୍ରମକୁ କାର୍ଯ୍ୟକରୀ କରିବା ଓ ନିରୀକ୍ଷଣ କରିବା ପାଇଁ କେଉଁ କେଉଁ ଅଧିକାରୀଙ୍କୁ ଦାୟିତ୍ୱ ଦିଆଯାଇଛି, ଲଗାଯାଇଥିବା ଗଛଗୁଡ଼ିକ ସଠିକ୍ ଭାବରେ ରକ୍ଷାପୋଷଣ ହେଉଛି କି ନାହିଁ ବୋଲି ସରକାର କୌଣସି ସମୀକ୍ଷା କରିଛନ୍ତି କି, ଆଗାମୀ ବର୍ଷଗୁଡ଼ିକରେ ସ୍କୁଲ, କଲେଜ୍ ଓ ବିଶ୍ୱବିଦ୍ୟାଳୟରେ ଆଉ କେତେ ସଂଖ୍ୟକ ବୃକ୍ଷରୋପଣ କରିବା ପାଇଁ ସରକାର କୌଣସି ଲକ୍ଷ୍ୟ ଧାର୍ଯ୍ୟ କରିଛନ୍ତି କି ?

----

## ବାୟୁ ଗୁଣବତ୍ତା ସୂଚନାଙ୍କ

6053 **ଶ୍ରୀ ଅନନ୍ତ ନାରାୟଣ ଜେନା (ଭୁବନେଶ୍ୱର-ମଧ୍ୟ)ः**

**ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିः- 2025 ନଭେମ୍ବର ମାସଠାରୁ ମାର୍ଚ୍ଚ 15, 2026 ସୁଦ୍ଧା ଭୁବନେଶ୍ୱରର ରାତି ଓ ସକାଳର ବାୟୁ ଗୁଣବତ୍ତା ସୂଚକାଙ୍କ କେତେ ରହିଛି, 2023 ଓ 2024 ମସିହାର ଏହି ସମୟର ଏକ ତୁଳନାତ୍ମକ ବିବରଣୀ ପ୍ରଦାନ କରିବେ କି, ଭୁବନେଶ୍ୱରର ବାୟୁ ପ୍ରଦୂଷଣ ସୂଚକାଙ୍କ ଦିଲ୍ଲୀର ପ୍ରଦୂଷଣ ସ୍ତରକୁ କେବେ ଅତିକ୍ରମ କରିଛି, ରାଜଧାନୀର ବାୟୁ ପ୍ରଦୂଷଣ ରୋକିବା ପାଇଁ କି ପ୍ରକାର ପ୍ରାକୃତିକ ପରିବେଶର ବିକାଶ ଦିଗରେ ପଦକ୍ଷେପ ନେବାକୁ ରୂପରେଖ ପ୍ରସ୍ତୁତ କରିଥିଲେ ଏବଂ ସେହି ଯୋଜନା ଗୁଡ଼ିକ ସମ୍ପୂର୍ଣ୍ଣ ହୋଇଛି କି, ରାଜଧାନୀକୁ ବିଶ୍ୱସ୍ତରୀୟ ରୂପ ଦେବାକୁ କରାଯାଇଥିବା ପରିକଳ୍ପନାରେ କେତେ ସଂଖ୍ୟକ ବୃକ୍ଷରୋପଣ କରାଯିବ ?

----

## Watershed Restoration Programme

6054 **ଶ୍ରୀ ସାଗର ଚରଣ ଦାସ (ଭାବନୀପାଟଣା)ः**

**ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିः- Given increasing drought and water stress in western Odisha, What climate adaptation or Watershed restoration programmes have been implemented in Kalahandi, Nuapada and Balangir districts during 2024-26, What measures and plannings are in place to tackle such situations this year ?

----

## ଭୂତଳ ଜଳର ପୁନଃଭରଣ

6055 **ଶ୍ରୀ ସୌଭିକ୍ ବିଶ୍ୱାଳ (ଚୌଦ୍ୱାର-କଟକ)ः**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିः- ଚୌଦ୍ୱାର ସହିତ ରାଜ୍ୟର ବିଭିନ୍ନ ଅଞ୍ଚଳରେ ଜଳସ୍ତର ନିମ୍ନଗାମୀ ହେଉଥିବା ପ୍ରତି ସରକାର ସଚେତନ ଅଛନ୍ତି କି ; ଉତ୍ତର ହଁ ହେଲେ, ଭୂତଳ ଜଳର ପୁନଃଭରଣ ପାଇଁ କି ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରାଯାଉଛି?

----

**ରାସ୍ତା ହସ୍ତାନ୍ତର**

6056 **ଶ୍ରୀ ସୌଭିକ୍ ବିଶ୍ୱାଳ (ଚୌଦ୍ୱାର-କଟକ)ः**

**ଗ୍ରାମ୍ୟ ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିः- ରାଜ୍ୟର କେଉଁ କେଉଁ ସହରାଞ୍ଚଳରେ କେତେ କି.ମି. ଗ୍ରାମ୍ୟ ଉନ୍ନୟନ ରାସ୍ତା ଥିବାବେଳେ ଏହି ରାସ୍ତାଗୁଡ଼ିକୁ ସମ୍ପୃକ୍ତ ପୌରସଂସ୍ଥାକୁ ହସ୍ତାନ୍ତର ପାଇଁ କି ପଦକ୍ଷେପ ଗ୍ରହଣ କରାଯାଉଛି?

----

**ମୌସୁମୀ ବର୍ଷା ହ୍ରାସ**

6057 **ଶ୍ରୀ ସୌଭିକ୍ ବିଶ୍ୱାଳ (ଚୌଦ୍ୱାର-କଟକ)ः**

**ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିः- ବିଗତ ତିନି ବର୍ଷରେ ରାଜ୍ୟରେ କେଉଁ ଜିଲ୍ଲାରେ କେତେ ପରିମାଣର ମୌସୁମୀ ବର୍ଷା ଓ ଲଘୁଚାପ ଜନିତ ବର୍ଷା ହୋଇଛି ପ୍ରକାଶ କରି ଜଳବାୟୁର ଅନିୟମିତତା କାରଣରୁ ମୌସୁମୀ ବର୍ଷା ପରିମାଣ ହ୍ରାସ ପାଉଥିବାବେଳେ ତାହାର ନିରାକରଣ ପାଇଁ କି ପଦକ୍ଷେପ ଗ୍ରହଣ କରାଯାଉଛି?

----

**ସାଧାରଣ ଉଦ୍ୟୋଗର ସମୀକ୍ଷା**

6058 **ଶ୍ରୀ ସୌଭିକ୍ ବିଶ୍ୱାଳ (ଚୌଦ୍ୱାର-କଟକ)ः**

**ସରକାରୀ ଉଦ୍ୟୋଗ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିः- ରାଜ୍ୟରେ ଚାଲୁଥିବା ସାଧାରଣ ଉଦ୍ୟୋଗ ଗୁଡ଼ିକର କାର୍ଯ୍ୟକ୍ରମକୁ ସମୀକ୍ଷା କରି ସେଗୁଡ଼ିକୁ ସକ୍ରିୟ କରିବାକୁ କି ପଦକ୍ଷେପ ଗ୍ରହଣ କରାଯାଉଛି?

----

**ପାରିଶ୍ରମିକ ପ୍ରଦାନ**

6059 **ଶ୍ରୀ ସୌଭିକ୍ ବିଶ୍ୱାଳ (ଚୌଦ୍ୱାର-କଟକ)ः**

**ଗୃହ ନିର୍ମାଣ ଓ ନଗର ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିः- ରାଜ୍ୟର କେଉଁ ପୌରସଂସ୍ଥାରେ କେଉଁ outsourcing ସଂସ୍ଥା ମାଧ୍ୟମରେ କେତେଜଣଙ୍କୁ କେଉଁ ପଦବୀରେ କେତେ ପାରିଶ୍ରମିକ ଓ ଆନୁସଙ୍ଗୀକ ସୁବିଧା ପ୍ରଦାନ କରାଯାଇ ନିୟୋଜିତ କରାଯାଇଛି ?

----

**ନାଉଡିଆ ଖାଳ ପୋଲ ନିର୍ମାଣ ପାଇଁ ଟେଣ୍ଡର ପ୍ରକ୍ରିୟା**

6060 **ଶ୍ରୀ ଅଶ୍ୱିନୀ କୁମାର ପାତ୍ର (ଜଳେଶ୍ୱର)ः**

**ଗ୍ରାମ୍ୟ ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ଜଳେଶ୍ୱର ଗ୍ରାମ୍ୟ ଉନ୍ନୟନ ଡିଭିଜନ୍ ଅନ୍ତର୍ଗତ ଜଳେଶ୍ୱର ବ୍ଲକ ଅଧିନସ୍ଥ "ସେତୁ ବନ୍ଧନ" ଯୋଜନାରେ 2024-25 ଆର୍ଥିକ ବର୍ଷରେ ମଂଜୁର ହୋଇଥିବା ନାଉଡିଆ (NAUDIA) ଖାଳ ପୋଲ ନିର୍ମାଣ ସକାଶେ ଟେଣ୍ଡର ପ୍ରକ୍ରିୟାର Technical bit କାର୍ଯ୍ୟ ସମାପ୍ତ ହୋଇଛି କି ; ହୋଇଥିଲେ କେଉଁ ବ୍ୟକ୍ତି କିମ୍ବା ସଂସ୍ଥାଙ୍କ ସପକ୍ଷରେ ନିର୍ମାଣ ଦାୟିତ୍ୱ ଦିଆଗଲା ; ଏହି ଅନୁସାରେ ଚୁକ୍ତିନାମା (Agreement) ସମାପ୍ତ ହେଲାଣି କି ; କାର୍ଯ୍ୟ ସମ୍ପାଦନ କେବେ ଆରମ୍ଭ ହେବ?

----

## ସ୍ଥାୟୀ ଗୃହ ନିର୍ମାଣରେ ବିଳମ୍ବ

6061 **ଶ୍ରୀ ଅଶ୍ୱିନୀ କୁମାର ପାତ୍ର (ଜଳେଶ୍ୱର):**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ବସ୍ତା ବ୍ଲକ ଅନ୍ତର୍ଗତ ଇଡଦା (Irda G.P) ଗ୍ରାମ ପଞ୍ଚାୟତ ଅନ୍ତର୍ଗତ କାଳନ୍ଦା (Kalanda) ଅଙ୍ଗନୱାଡି କେନ୍ଦ୍ରର ସ୍ଥାୟୀ ଗୃହ ନିର୍ମାଣ ଅସମ୍ପୂର୍ଣ୍ଣ ଥିବା କାରଣ କଣ ; ଏପର୍ଯ୍ୟନ୍ତ କେତେ ଟଙ୍କା ବିନିଯୋଗ ହେଲାଣି ; କେତେ ଟଙ୍କା ସରକାର ମଂଜୁର କରିଥିଲେ, ନିର୍ମାଣ ଦାୟିତ୍ୱ ନିଜେ କନିଷ୍ଠ ଯନ୍ତ୍ରୀ ବହନ କରୁଥିବା ଦୃଷ୍ଟେ ସେ ଅଟକଳ ଅନୁସାରେ ଆଉ କେତେ ଟଙ୍କା ଆବଶ୍ୟକ ; ଏହି ଅର୍ଥ ଯୋଗାଡ କରିବାକୁ ବି.ଡି.ଓ. ଙ୍କଠାରୁ କୌଣସି ପ୍ରସ୍ତାବ ଆସିଛି କି କିମ୍ବା ଏଥିଲାଗି ସରକାର ନୀତିଗତ ନିଷ୍ପତ୍ତି ଅନୁସାରେ ଜିଲ୍ଲା କର୍ତ୍ତୃପକ୍ଷଙ୍କୁ କଣ ନିର୍ଦ୍ଦେଶ ଦେବେ?

----

## ସମ୍ପ୍ରସାରଣ ଓ ନବୀକରଣ ବାବଦରେ ଅର୍ଥ ମଂଜୁର

6062 **ଶ୍ରୀ ଅଶ୍ୱିନୀ କୁମାର ପାତ୍ର (ଜଳେଶ୍ୱର):**

**ଗ୍ରାମ୍ୟ ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ବାଲେଶ୍ୱର ଡିଭିଜନ-1 ଅଧିନସ୍ଥ ବସ୍ତା ସବଡିଭିଜନ୍ ଅନ୍ତର୍ଗତ ଭଲୋରା-ମଧୁପୁରା ସଡକ(Vellora-Madhupura Road) ସମ୍ପ୍ରସାରଣ, ନବୀକରଣ ଏବଂ ପ୍ରଶସ୍ତିକରଣ ବାବଦରେ କେତେ ଅର୍ଥ ମଂଜୁର ହୋଇଛି ; ଏଥିରେ କେତେ କି.ମି. ପ୍ରଶସ୍ତିକରଣ ହେବ, କେଉଁ ବ୍ୟକ୍ତି କିମ୍ବା ସଂସ୍ଥା ନିର୍ମାଣ ଦାୟିତ୍ୱରେ ଅଛନ୍ତି, କେବେ ସୁଦ୍ଧା କାର୍ଯ୍ୟ ସମାପ୍ତ ହେବ ସରକାର ଏହାର ସବିଶେଷ ତଥ୍ୟ ଉପସ୍ଥାପନ କରିବେ କି?

----

## ପକ୍କା ସଡକ ନିର୍ମାଣ ପାଇଁ ଅର୍ଥ ବିନିଯୋଗ

6063 **ଶ୍ରୀ ଅଶ୍ୱିନୀ କୁମାର ପାତ୍ର (ଜଳେଶ୍ୱର):**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ବସ୍ତା ବ୍ଲକ ଅଧିନସ୍ଥ ପୁଟୁରା (PUTURA) ଗ୍ରାମ ପଞ୍ଚାୟତରେ ବିଧାୟକ ଆଞ୍ଚଳିକ ଉନ୍ନୟନ ପାଣ୍ଠି, ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ସହାୟତା (CMSA) ପାଣ୍ଠି ବିଧାୟକଙ୍କ ସୁପାରିଶ କ୍ରମେ ବାଶୁଳୀଦିଗା-ଦୁନ୍ଦକୁଟ (BASULIDIGA-DUNDAKUT) ପକ୍କା ସଡକ ନିର୍ମାଣ ସକାଶେ ଏପର୍ଯ୍ୟନ୍ତ 2024-25 ଓ ପୂର୍ବରୁ କେତେ ଟଙ୍କା ବିନିଯୋଗ ହୋଇଛି ; ଏହା କଣ ସତ୍ୟ କନିଷ୍ଠ ଯନ୍ତ୍ରୀ, ସହକାରୀ ଯନ୍ତ୍ରୀ ନିର୍ମାଣ ଦାୟିତ୍ୱରେ ଥାଇ ସଦ୍ୟ ନିର୍ମାଣ ସମାପ୍ତ ହେବାପରେ, ନିମ୍ନମାନର କାର୍ଯ୍ୟ କାରଣରୁ ସଡକ କେତେ ଅଂଶ ଫାଟି ଯାଇଛି ; ଏହା କୌଣସି ଉଚ୍ଚ ପଦସ୍ଥ ନିର୍ବାହୀ ଯନ୍ତ୍ରୀଙ୍କ ଦ୍ୱାରା ସରଜମୀନ୍ ତଦନ୍ତ ପୂର୍ବକ ସରକାର ନିର୍ଦ୍ଦେଶ ଦେବା ସହିତ ସଠିକ୍ ତଥ୍ୟ ଉପସ୍ଥାପନ କରିବେ କି?

----

## ଅସମ୍ପୂର୍ଣ୍ଣ ଅଙ୍ଗନୱାଡି ଗୃହ

6064 **ଶ୍ରୀ ଅଶ୍ୱିନୀ କୁମାର ପାତ୍ର (ଜଳେଶ୍ୱର):**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ଜଳେଶ୍ୱର/ବସ୍ତା ବ୍ଲକରେ କେଉଁ ଆର୍ଥିକ ବର୍ଷରେ କେତୋଟି କେଉଁ ଗ୍ରାମପଞ୍ଚାୟତ, କେଉଁ ଗ୍ରାମରେ ଅଙ୍ଗନୱାଡି ଗୃହ ନିର୍ମାଣ ଅସମ୍ପୂର୍ଣ୍ଣ ଅବସ୍ଥାରେ ଅଛି ; ନିର୍ମାଣ ଦାୟିତ୍ୱ କାହା ଉପରେ ନ୍ୟସ୍ତ ଥିଲା, ନିର୍ମାଣର ଅଗ୍ରଗତି କେଉଁ ସ୍ତରରେ, ପ୍ରତ୍ୟେକଟିରେ କେତେ ଅର୍ଥ ବିନିଯୋଗ ହୋଇସାରିଛି ଏବଂ କେତେ ବିନିଯୋଗ ହେବାକୁ ଅଛି, ସମ୍ପୂର୍ଣ୍ଣ ଭାବରେ କେବେ ସୁଦ୍ଧା ନିର୍ମାଣ ହେବ ସରକାର ଏଥିଲାଗି କାହାକୁ କଣ ନିର୍ଦ୍ଦେଶ ଦେବେ ଏହାର ସବିଶେଷ ତଥ୍ୟ ଉପସ୍ଥାପନ କରିବେ କି?

----

## W/S Project ର ତାଲିକା

6065 **ଶ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ (ଆଠଗଡ):**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- (କ) 2017-18 ଆର୍ଥିକ ବର୍ଷଠାରୁ ଅଦ୍ୟାବଧି କଟକ ଜିଲ୍ଲାର କେଉଁ ବ୍ଲକର କେଉଁଠାରେ Solar Dual Energy based W/S Project କରାଯାଇଥିଲା ଏବଂ OREDA ତରଫରୁ M/s Meera & Ceicko କମ୍ପାନୀ(ଏଜେନ୍ସି)କୁ କେତୋଟି କାର୍ଯ୍ୟାଦେଶ କେତେ ଅର୍ଥ ବିନିମୟରେ କରିବା ପାଇଁ ଅନୁମତି ମିଳିଥିଲା ; ତାର ଏକ ବ୍ଲକୱାରୀ ତାଲିକା ଦେବେ କି ଏବଂ (ଖ) ବହୁ ସ୍ଥାନରେ ଏହି Solar Dual Water Supply ପ୍ରକଳ୍ପ ଗୁଡିକ ଖରାପ ହୋଇ ପଡୁଥିବା ସ୍ଥଳେ ଏହାର ମରାମତି ପାଇଁ ବିଭାଗ ପକ୍ଷରୁ ଗୁରୁତ୍ୱ ଦିଆଯାଉନାହିଁ ; ତେଣୁ ଏହା ଉପରେ ବିଭାଗ ପକ୍ଷରୁ କି ବ୍ୟବସ୍ଥା ଅଛି?

----

## Error regarding the profiles of the card holder

6066 **ଶ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ (ଆଠଗଡ):**

**ଶ୍ରମ ଓ କର୍ମଚାରୀଙ୍କ ରାଜ୍ୟ ବୀମା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- In the Nirman Shramik scheme, when offline cards were given out to eligible Nirman Shramiks, there were a lot of errors regarding the profiles of the card holder ; When the offline

profile was updates in the online portal which is functional presently, the error continued as a result the eligible Nirman Shramiks have been deprived of benefits; The government is requested to show whether all the offline profiles have been updated into the online Nirman Shramik portal and what steps are being taken to redress the backlogs?

----

## ଠିକାଦାର ଚୟନ

6067 **ଶ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ (ଆଠଗଡ):**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) ଗ୍ରାମାଞ୍ଚଳର ଉନ୍ନତି ପାଇଁ ପୂର୍ବସରକାର ରାଜ୍ୟରେ 'ଆମ ଗାଁ ଆମ ବିକାଶ' କାର୍ଯ୍ୟକ୍ରମ କରିଥିଲେ କିନ୍ତୁ ନୂତନ ସରକାର ତାକୁ ପରିବର୍ତ୍ତନ କରି 'ବିକଶିତ ଗାଁ ବିକଶିତ ଓଡିଶା' କାର୍ଯ୍ୟକାରୀ କରିଛନ୍ତି ; ଏହି ଯୋଜନାରେ କାର୍ଯ୍ୟଗୁଡିକ ନିମନ୍ତେ ଠିକାଦାରମାନଙ୍କୁ ଜିଲ୍ଲାପାଳମାନେ କିଭଳି ଚୟନ କରିଥାନ୍ତି ଜଣାଇବା ସହ (ଖ) କଟକ ଜିଲ୍ଲାର କେଉଁ ବ୍ଲକର କେଉଁ ଠିକାଦାରମାନଙ୍କୁ କେଉଁଭଳି ଭାବେ ଜିଲ୍ଲାପାଳ ଚୟନ କରିଛନ୍ତି ତାର ବ୍ଲକୱାରୀ ସବିଶେଷ ବିବରଣୀ ପ୍ରଦାନ କରିବା ସହ ପଞ୍ଚାୟତ ସ୍ତରରେ BGBO କାର୍ଯ୍ୟଗୁଡିକରୁ ଜନ ପ୍ରତିନିଧିମାନଙ୍କ ମତାମତକୁ ବାଦ ଦେବାର କାରଣ କଣ ; ଯଦି ସେମାନଙ୍କୁ ଉପେକ୍ଷା କରାଯାଇନାହିଁ ତେବେ ସେମାନଙ୍କୁ ବିଭିନ୍ନ କାର୍ଯ୍ୟଗୁଡିକ ତଦାରଖ ଓ ଠିକାଦାର ଚୟନ କଲାବେଳେ ସେମାନଙ୍କ ମତାମତ ନେବା ପାଇଁ ପଦକ୍ଷେପ ନେବେ କି?

----

## ବନୀକରଣ ଓ ଗ୍ରୀନ କରିଡର ପାଇଁ ପଦକ୍ଷେପ

6068 **ଶ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ (ଆଠଗଡ):**

**ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) ରାଜ୍ୟରେ ବନୀକରଣ ଓ ଗ୍ରୀନ କରିଡର ପାଇଁ ରାଜ୍ୟ ସରକାର କି କି ପଦକ୍ଷେପ ନେଇଛନ୍ତି ଏବଂ ଏ ବାବଦରେ କେତେ ଅର୍ଥ 2024 ବର୍ଷ ଠାରୁ ଅଦ୍ୟାବଧି କିଭଳି ଭାବେ କେଉଁ ଜିଲ୍ଲାରେ ଖର୍ଚ୍ଚ ହୋଇଛି ତାର ସମସ୍ତ ତଥ୍ୟ ଜିଲ୍ଲାୱାରୀ ପ୍ରଦାନ କରିବେ କି ; (ଖ) ଆଠଗଡ ବନଖଣ୍ଡ ଅଧିନରେ ଏହି ସମୟ ମଧ୍ୟରେ କେତେ ଅର୍ଥ ପାଇ କିଭଳି ଖର୍ଚ୍ଚ ହୋଇଛି ତାର ସମସ୍ତ ବିବରଣୀ ଚଳିତ ବର୍ଷ ଯେପରି ଅଧିକ ନୂତନ ଜଙ୍ଗଲ ସୃଷ୍ଟି ଓ ଚାରା ପ୍ଲାଣ୍ଟେସନ ହୋଇପାରିବ ସେଥିପାଇଁ କି ବ୍ୟବସ୍ଥା କରିଛନ୍ତି ଜଣାଇବେ କି ; ଏଥିପାଇଁ ଆସୁଥିବା ଅର୍ଥକୁ ଗୋଟିଏ କମିଟି କରି ବିଭାଗୀୟ ଅଧିକାରୀମାନେ ଖର୍ଚ୍ଚ କରିବା ପାଇଁ ବ୍ୟବସ୍ଥା କରିବେ କି?

----

## ମେଗା ପାନୀୟ ଜଳ ପ୍ରକଳ୍ପ ସମ୍ପର୍କରେ

6069 **ଶ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ (ଆଠଗଡ):**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- (କ) ରାଜ୍ୟରେ କେଉଁ ଜିଲ୍ଲାରେ କେଉଁ ଅଞ୍ଚଳ ଗୁଡିକରେ ପ୍ରଥମେ ମେଗା ପାନୀୟ ଜଳ ପ୍ରକଳ୍ପ କେବେ କେତେ ଅର୍ଥ ବିନିମୟରେ ଆରମ୍ଭ ହୋଇଥିଲା ; କେତେବର୍ଷ ମଧ୍ୟରେ ସମ୍ପୂର୍ଣ୍ଣ ହେବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ ହୋଇଥିଲା ଏଗୁଡିକ ବର୍ତ୍ତମାନ କେଉଁ ପର୍ଯ୍ୟାୟରେ ଅଛି ଓ ଏଗୁଡିକ ସମ୍ପୂର୍ଣ୍ଣ ହେବା ପାଇଁ ଆଉ କେତେ ଦିନ ସମୟ ଲାଗିବ ; (ଖ) ମେଗା ପାନୀୟ ଜଳ ପ୍ରକଳ୍ପର ସମସ୍ତ Over Head Tank ଗୁଡିକରୁ କେବେ ସୁଦ୍ଧା ଦିନକୁ ଦୁଇଥର (2 times) ପାନୀୟ ଜଳ ସମସ୍ତଙ୍କ ଘରେ ଯୋଗାଇ ଦିଆଯିବ ଏବଂ ବୃହତ୍ ପାନୀୟ ଜଳ ପ୍ରକଳ୍ପର ରକ୍ଷଣାବେକ୍ଷଣା କାର୍ଯ୍ୟ କେବେ ଆରମ୍ଭ ହେବ ଓ ଏହାର ରକ୍ଷଣାବେକ୍ଷଣା ଓ ଜଳଯୋଗାଣ କାର୍ଯ୍ୟ କାହାକୁ ହସ୍ତାନ୍ତର କରାଯିବ ଜଣାଇବା ସହ କଟକ ଜିଲ୍ଲାର ବ୍ଲକୱାରୀ ପାନୀୟ ଜଳ ପ୍ରକଳ୍ପ ଗୁଡିକର ବର୍ତ୍ତମାନର ସ୍ଥିତି ଓ କେବେ ସୁଦ୍ଧା ପ୍ରତ୍ୟେକଙ୍କ ଘରେ ଜଳ ପହଞ୍ଚିବ ନିର୍ଦ୍ଦିଷ୍ଟ ଭାବେ ଜଣାଇବେ କି ; ଏଠାରେ କାର୍ଯ୍ୟରତ ଠିକାଦାର ସଂସ୍ଥା ସଠିକ୍ କାରଣ ନଜଣାଇ ଠକି ଚାଲିଯିବା ପାଇଁ ଚେଷ୍ଟା କରୁଥିବା ସମ୍ପର୍କରେ ସ୍ପଷ୍ଟୀକରଣ ଦେବେ କି?

----

**Independent administrative Cadre**

6070 **ଶ୍ରୀମତୀ ସୋଫିଆ ଫିରଦୋସ୍ (ବାରବାଟୀ-କଟକ)ଃ**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- a) the reasons for continued dependence of the Department on administrative officers from the Revenue Department for functioning of Zilla Parishad, District Panchayat and Panchayat Samiti offices;

b) the impact on functioning of these offices when Revenue Department officers resort to strikes or agitation;

c) whether the Government considers it necessary to create an independent administrative cadre for the Panchayati Raj & Drinking Water Department to ensure uninterrupted public services; and

d) the steps taken and timeline fixed by the Government for formation of such cadre?

----

**Timely transfer and rotation of ASOS and SOs**

6071 **ଶ୍ରୀମତୀ ସୋଫିଆ ଫିରଦୋସ୍ (ବାରବାଟୀ-କଟକ)ଃ**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- (a) the number of Assistant Section Officers (ASOs) and Section Officers (SOS) presently working in different sub-divisions of the Department and the duration of their posting; (b) the details of officers who have been continuing in the same sub-division for more than three years; the reasons for allowing such long tenure in the same office; and the steps taken by the Department to ensure timely transfer and rotation of ASOS and SOs in accordance with Government

transfer guidelines?

----

**Preparation of the Drainage Master Plan for Cuttack**

**6072 ଶ୍ରୀମତୀ ସୋଫିଆ ଫିରଦୋସ୍ (ବାରବାଟୀ-କଟକ):**

**ଗୃହ ନିର୍ମାଣ ଓ ନଗର ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- (a) with reference to U.D. No. 2133, dated 27.08.2024 regarding waterlogging in Barabati-Cuttack Constituency, the present status of locations earlier identified where waterlogging persisted for more than half an hour; (b) the remedial works undertaken in each such location, indicating nature of work, expenditure incurred and present stage of completion; the progress made in preparation of the Drainage Master Plan for Cuttack, the amount spent out of the Rs. 3 crore sanctioned for the purpose; and the timeline fixed for implementing long-term measures to prevent recurring waterlogging?

----

**Status of sewerage pipelines**

**6073 ଶ୍ରୀମତୀ ସୋଫିଆ ଫିରଦୋସ୍ (ବାରବାଟୀ-କଟକ):**

**ଗୃହ ନିର୍ମାଣ ଓ ନଗର ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- (a) with reference to SAQ No. 230, dated 10.03.2026 regarding JICA-funded sanitation and drainage works in Cuttack, the present physical status of sewerage pipelines, box drains and open drains constructed under the project, ward-wise; the details of stretches where sewerage networks have been laid but house connections, road restoration or operationalisation remain incomplete; the length of additional sewerage or drainage works proposed or submitted to the Department for approval; and the timeline fixed to make the entire sewerage and drainage system fully functional?

----

**Total amount approved under the Samrudha Sahar Scheme**

**6074 ଶ୍ରୀମତୀ ସୋଫିଆ ଫିରଦୋସ୍ (ବାରବାଟୀ-କଟକ):**

**ଗୃହ ନିର୍ମାଣ ଓ ନଗର ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- (a) the total amount approved and released under the Samrudha Sahar scheme in the State since its inception; (b) the total expenditure incurred under the scheme so far, indicating ULB-wise details; the number of projects sanctioned, ongoing and completed under the scheme; the amount approved and expenditure

incurred for projects under the scheme in Barabati-Cuttack Constituency; and the details of works taken up in the constituency along with their present status and timeline for completion?

----

## ଜଳ ନିଷ୍କାସନ ବ୍ୟବସ୍ଥା

6075 **ଶ୍ରୀ ଗଣେଶ୍ୱର ବେହେରା (କେନ୍ଦ୍ରାପଡା):**

**ଗୃହ ନିର୍ମାଣ ଓ ନଗର ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- କେନ୍ଦ୍ରାପଡା ପୌର ସଂସ୍ଥାର ଦୀର୍ଘ ଦିନର ସମସ୍ୟା ବର୍ଷାଞ୍ଚଳ ନିଷ୍କାସନ ଓ ନର୍ଦ୍ଦମା ଜଳ ନିଷ୍କାସନ ସମସ୍ୟାର ସମାଧାନ ପାଇଁ ସରକାର ଇତି ମଧ୍ୟରେ କି କି ପଦକ୍ଷେପ ଗ୍ରହଣ କରିଛନ୍ତି ?

----

## ପଞ୍ଚାୟତରେ ସାମିଲ

6076 **ଶ୍ରୀ ଗଣେଶ୍ୱର ବେହେରା (କେନ୍ଦ୍ରାପଡା):**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ପଟ୍ଟାମୁଣ୍ଡାଇ ବ୍ଲକର ସିଦ୍ଧବାଲି ଗ୍ରାମଟି ପଟ୍ଟାମୁଣ୍ଡାଇ ବ୍ଲକର ଅମୃତ ଗୋହୀ ଓ ବଲୁରିଆ ପଞ୍ଚାୟତ ଏବଂ ଆଳି ବ୍ଲକର ନୂଆପଡା ପଞ୍ଚାୟତ ଅନ୍ତର୍ଭୁକ୍ତ ହୋଇଥିବା କାରଣରୁ ସିଦ୍ଧବାଲି ଗ୍ରାମବାସୀଙ୍କ ତରଫରୁ ସରକାରଙ୍କ ଠାରେ କୌଣସି ଆବେଦନ କରିଛନ୍ତି କି, ଯଦି ହଁ, ତେବେ ଏହି ଆବେଦନ ଉପରେ ବିଚାର କରି ଏହି ଗ୍ରାମକୁ ଗୋଟିଏ ପଞ୍ଚାୟତ ଓ ଗୋଟିଏ ବ୍ଲକରେ ସାମିଲ କରିବେ କି ?

----

## ପୌର ସଂସ୍ଥାକୁ ଅନୁଦାନ

6077 **ଶ୍ରୀ ଗଣେଶ୍ୱର ବେହେରା (କେନ୍ଦ୍ରାପଡା):**

**ଗୃହ ନିର୍ମାଣ ଓ ନଗର ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) ମୁଖ୍ୟମନ୍ତ୍ରୀ ସହର ବିକାଶ ଯୋଜନାରେ ରାଜ୍ୟ ସରକାର କେଉଁ କେଉଁ ପୌର ସଂସ୍ଥାମାନଙ୍କୁ ୨୦୨୪-୨୫ ଓ ୨୦୨୫-୨୬ ରେ କେତେ କେତେ ଅର୍ଥ ଆବଣ୍ଟିତ ହୋଇଅଛି, (ଖ) କେନ୍ଦ୍ରାପଡା ମ୍ୟୁନିସିପାଲିଟିରେ ଏକ ମିନି ଅଡିଟୋରିୟମ୍ ନିର୍ମାଣ ପାଇଁ ରାଜ୍ୟ ସରକାରଙ୍କୁ ଜିଲ୍ଲାପାଳଙ୍କ ଦ୍ୱାରା ଏକ ପ୍ରସ୍ତାବ ଦେଇଥିବା ସରକାର ଅବଗତ କି, ଯଦି ହଁ, ତେବେ ଏହି ପ୍ରସ୍ତାବ ଉପରେ ସରକାର କି ପଦକ୍ଷେପ ନେଇଛନ୍ତି ?

----

## ଆବଶ୍ୟକୀୟ ପାଣ୍ଠି ମଞ୍ଜୁରୀ

6078 **ଶ୍ରୀ ଗଣେଶ୍ୱର ବେହେରା (କେନ୍ଦ୍ରାପଡା):**

**ଗୃହ ନିର୍ମାଣ ଓ ନଗର ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- କେନ୍ଦ୍ରାପଡା ପୌର ସଂସ୍ଥାର ପ୍ରାଚୀନତା ଓ ଜନସଂଖ୍ୟା ଦୃଷ୍ଟିରୁ ଏହାର ଉନ୍ନୟନ ବିଶେଷ କରି ରାସ୍ତା ଓ ଡ୍ରେନ ନିର୍ମାଣ ପାଇଁ ରାଜ୍ୟ ସରକାରଙ୍କୁ ପୌର ପରିଷଦର ଅନୁମୋଦନ କ୍ରମେ ପଠାଇଥିବା Annual Action Plan ଅନୁସାରେ ଆବଶ୍ୟକୀୟ ପାଣ୍ଠି ମଞ୍ଜୁର କରିବାକୁ ସରକାର ବିଚାର କରିବେ କି ?

----

**GIA ପ୍ରକଳ୍ପ ଗୁଡିକର ବିବରଣୀ**

**6079 ଶ୍ରୀ ଗଣେଶ୍ୱର ବେହେରା (କେନ୍ଦ୍ରାପଡା):**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ୨୦୨୫-୨୬ ବର୍ଷ ପାଇଁ କେନ୍ଦ୍ରାପଡା ଓ ପଟ୍ଟାମୁଣ୍ଡାଇ ବ୍ଲକର ଅନୁମୋଦିତ GIA ପ୍ରକଳ୍ପ ଗୁଡିକର ବିବରଣୀ ଦେବେ କି ?

----

**Employment Guarantee**

**6080 ଶ୍ରୀ ଓମ୍ ପ୍ରକାଶ ମିଶ୍ର (ସତ୍ୟବାଦୀ):**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- How will Finance ensure the Rs.5,575 crore VB-G RAM G Yojana delivers 125 guaranteed employment days to every Satyabadi household by June 2026, what monitoring mechanisms are in place for the Rs.1,500 crore MGNREGA completion fund to priorities Satyabadi's unfinished roads and ponds, that left villages disconnected?

----

**Model Panchayat Cluster**

**6081 ଶ୍ରୀ ଓମ୍ ପ୍ରକାଶ ମିଶ୍ର (ସତ୍ୟବାଦୀ):**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (a) The total quantum of Programme Expenditure earmarked for Panchayati Raj & Drinking Water in 2026-27 (approximately Rs.25,003 crore) and how this compares with the corresponding figure in the last full Budget of the previous government. year-wise details for the last five years be given; (b) Whether the Government has increased untied grants, own-source-revenue incentives and direct fund transfer mechanisms to Gram Panchayats in 2025-26 and 2026-27; The steps taken to ensure timely release and utilisation of 15th and 16th Finance Commission grants to GPS for drinking water, sanitation and grey-water management, in contrast with delays and parking of funds reported in previous years. district-wise utilisation figures be provided ?

----

**Clearance of Pending works**

**6082 ଶ୍ରୀ ଓମ୍ ପ୍ରକାଶ ମିଶ୍ର (ସତ୍ୟବାଦୀ):**

**ଗ୍ରାମ୍ୟ ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- What is the status of Rs.1,500 crore for clearing MGNREGS pending works in Satyabadi, including distress migration curbs (Rs.400 crore), compared to previous govt's delays in submitting utilisation certificates that blocked central funds?

----

**Employment Generation in PSU**

6083 **ଶ୍ରୀ ଓମ୍ ପ୍ରକାଶ ମିଶ୍ର (ସତ୍ୟବାଦୀ):**

**ସରକାରୀ ଉଦ୍ୟୋଗ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- What targeted support for Satyabadi's development-amid past local issues like park project negligence will come from profitable PSUs in mining, energy, or tourism, mismanagement of state enterprises; how has govt's PSU restructuring generated employment in Satyabadi, contrasting with the previous government's inefficiencies that led to financial crises in multiple enterprises?

----

**Anti-migration Measures**

6084 **ଶ୍ରୀ ଓମ୍ ପ୍ରକାଶ ମିଶ୍ର (ସତ୍ୟବାଦୀ):**

**ଶ୍ରମ ଓ କର୍ମଚାରୀଙ୍କ ରାଜ୍ୟ ବୀମା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- With increasing MGNREGS days to 300 in migration-prone blocks and forming task forces, what anti- migration measures from the Budget are aiding Satyabadi's vulnerable families, unlike previous govt's inaction amid 289+ deaths reported by 2025; What revolving funds and VB-G RAM G Yojana allocations, (Rs.5,575 crore) are targeting rural employment in Satyabadi to prevent distress migration, highlighting govt's fulfillment of promises over previous govt's unaddressed labour exodus?

----

**ବିନା ସାର୍ଟିଫିକେଟରେ କାର୍ଯ୍ୟ କରୁଥିବା କମ୍ପାନୀ**

6085 **ଶ୍ରୀ ବ୍ୟୋମକେଶ ରାୟ (ଚାନ୍ଦବାଲି):**

**ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ବର୍ତ୍ତମାନ ଓଡ଼ିଶାରେ ଚାଲୁଥିବା ବିଭିନ୍ନ ଶିଳ୍ପ ପ୍ରତିଷ୍ଠାନ ଜିଲ୍ଲା ଭିତ୍ତିକ ଭାବେ କେତେଟି ଅଛି ; ସେମାନଙ୍କ ମଧ୍ୟରୁ କେତୋଟି ଶିଳ୍ପ ପ୍ରତିଷ୍ଠାନ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଆବଶ୍ୟକ ସମସ୍ତ ଅନୁମତି ଓ ସାର୍ଟିଫିକେଟ୍ ଯଥା ଫରେଷ୍ଟ କ୍ଲିୟରାନ୍ସ, ପଲୁସନ୍ କଣ୍ଟ୍ରୋଲ ବୋର୍ଡ଼ ଅନୁମତି, ପରିବେଶ ଅନୁମତି ଇତ୍ୟାଦି ପାଇଛନ୍ତି; କେତେଟି କମ୍ପାନୀ ଏହି ସମସ୍ତ ଅନୁମତି ପାଇଁ ଆବେଦନ କରିଛନ୍ତି ଓ କେତେଟି କମ୍ପାନୀ ସମ୍ପୂର୍ଣ୍ଣ ନିୟମ ମାନି କାର୍ଯ୍ୟ କରୁଛନ୍ତି; କୌଣସି ଆବଶ୍ୟକ ସାର୍ଟିଫିକେଟ୍ ବିନା କେତେଟି କମ୍ପାନୀ କାର୍ଯ୍ୟ କରୁଥିବା ଅଭିଯୋଗ ସରକାରଙ୍କ ଦୃଷ୍ଟିକୁ ଆସିଛି କି; ଏହା ସମ୍ପର୍କରେ ସରକାର କେମିତି ପଦକ୍ଷେପ ନେଇଛନ୍ତି ଓ ଭବିଷ୍ୟତରେ ଏପରି ଅସଙ୍ଗତି ନ ଘଟିବା ପାଇଁ କଣ ବ୍ୟବସ୍ଥା ନିଆଯାଇଛି ?

----

## Iron Removal Plant ସ୍ଥାପନ

6086 **ଶ୍ରୀ ବ୍ୟୋମକେଶ ରାୟ (ଚାନ୍ଦବାଲି):**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) ରାଜ୍ୟର ଗ୍ରାମାଞ୍ଚଳରେ ପାନୀୟ ଜଳର ଗୁଣତ୍ୱ ସୁଧାର ଓ ମାନବ ସ୍ୱାସ୍ଥ୍ୟ ସୁରକ୍ଷା ପାଇଁ ସରକାର କେଉଁ କେଉଁ ସୁବ୍ୟବସ୍ଥା ଗ୍ରହଣ କରିଛନ୍ତି; (ଖ) ଭୂଗର୍ଭ ଜଳରେ ଥିବା ଅତ୍ୟଧିକ ଲୌହ ଅଂଶ (Iron) ଓ ଅନ୍ୟାନ୍ୟ କ୍ଷତିକାରକ ଧାତବ ଉପାଦାନ କମାଇବା ପାଇଁ ସରକାର କେଉଁ ପ୍ରକାରର ପ୍ରଯୁକ୍ତି ବା ପ୍ରଣାଳୀ ଅନୁସରଣ କରୁଛନ୍ତି; ଏହି ଉଦ୍ଦେଶ୍ୟରେ ଗ୍ରାମାଞ୍ଚଳରେ ଆଇରନ୍ ରିମୁଭାଲ୍ ପ୍ଲାଣ୍ଟ (Iron Removal Plant) ଅଥବା ଅନ୍ୟ କୌଣସି ଶୋଧନ ଯନ୍ତ୍ରାଂଶ ସ୍ଥାପନ କରାଯାଇଛି କି; ଯଦି କରାଯାଇଥାଏ, ତାହାର ସଂଖ୍ୟା ଓ କାର୍ଯ୍ୟକ୍ଷମତା ସମ୍ବନ୍ଧୀୟ ତଥ୍ୟ କେତେ; ଗ୍ରାମାଞ୍ଚଳରେ ସ୍ଥାପିତ ଓଭରହେଡ୍ ଟ୍ୟାଙ୍କ ଓ ଜଳ ଯୋଗାଣ ବ୍ୟବସ୍ଥାର ଓ ରକ୍ଷାବେକ୍ଷଣ ପାଇଁ କେଉଁ ନିୟମିତ ରଖ ବ୍ୟବସ୍ଥା ରହିଛି; ଏହି ସମସ୍ତ ବ୍ୟବସ୍ଥାର ସଠିକ ନିର୍ବାହ ଓ ନିୟମିତ ନିରୀକ୍ଷଣ ପାଇଁ ସରକାର କେଉଁ ପ୍ରକାରର ପଦକ୍ଷେପ ଗ୍ରହଣ କରିଛନ୍ତି ?

----

## ସ୍କଲାରର୍ଶିପ ପ୍ରଦାନ

6087 **ଶ୍ରୀ ବ୍ୟୋମକେଶ ରାୟ (ଚାନ୍ଦବାଲି):**

**ଶ୍ରମ ଓ କର୍ମଚାରୀଙ୍କ ରାଜ୍ୟ ବୀମା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) ଶ୍ରମ ବିଭାଗ ଦ୍ୱାରା ଶ୍ରମିକଙ୍କ ସନ୍ତାନମାନଙ୍କ ପାଇଁ ସ୍କୁଲ ଲେଭେଲ୍, କଲେଜ ଲେଭେଲ୍ ଓ ୟୁନିଭର୍ସିଟି ଲେଭେଲରେ କେଉଁ କେଉଁ ପ୍ରକାରର ସ୍କଲାର୍ଶିପ୍ ଦିଆଯାଉଛି; (ଖ) ପ୍ରତ୍ୟେକ ସ୍ତରରେ ଏହି ସ୍କଲାଶିପ୍ ପାଇଁ ରାଶି କେତେ ରହିଛି; ଏପର୍ଯ୍ୟନ୍ତ ସମୁଦାୟ ରାଜ୍ୟରେ କେତେ ଜଣ ଛାତ୍ରଛାତ୍ରୀ ଏହି ସ୍କଲାର୍ଶିପ ଲାଭାନ୍ୱିତ ହୋଇଛନ୍ତି; ଏଥିରୁ ଭଦ୍ରକ ଜିଲ୍ଲାରୁ କେତେ ଜଣ ଛାତ୍ରଛାତ୍ରୀ ଏହି ସ୍କଲାର୍ଶିପ୍ ପାଇଛନ୍ତି; ବିଶେଷକରି ଚାନ୍ଦବାଲି ନିର୍ବାଚନମଣ୍ଡଳୀରୁ କେତେ ଜଣ ଛାତ୍ରଛାତ୍ରୀ ଏହି ସ୍କଲାଶିପରେ ଅନ୍ତର୍ଭୁକ୍ତ ହୋଇ ଲାଭାନ୍ୱିତ ହୋଇଛନ୍ତି ?

----

## ଷ୍ଟ୍ରିଟଲାଇଟ ଲଗାଇବା ପାଇଁ ପଦକ୍ଷେପ

6088 **ଶ୍ରୀ ବ୍ୟୋମକେଶ ରାୟ (ଚାନ୍ଦବାଲି):**

**ଗ୍ରାମ୍ୟ ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିः- (କ) ଓଡ଼ିଶାର ଗ୍ରାମାଞ୍ଚଳରେ ମୁଖ୍ୟ ରାସ୍ତାମାନଙ୍କରେ ନୂତନ କରି ସ୍ଥାପିତ ହୋଇଥିବା ଅନେକ ଷ୍ଟ୍ରିଟ୍ ଲାଇଟ୍ ଅଚଳ ହୋଇ ପଡ଼ିରହିଥିବା ବିଷୟ ସରକାରଙ୍କ ଦୃଷ୍ଟିଗୋଚରରେ ଆସିଛି କି ; (ଖ) ଯଦି ଆସିଛି, ତେବେ ଏହି ଷ୍ଟ୍ରିଟଲାଇଟମାନଙ୍କର ରକ୍ଷଣାବେକ୍ଷଣ କାହା ଦାୟିତ୍ୱରେ ରହିଛି; ଏହା ସମ୍ବନ୍ଧରେ ଲୋକମାନେ ଅଭିଯୋଗ କରିବା ପାଇଁ କୌଣସି ବ୍ୟବସ୍ଥା ରହିଛି କି; ଯଦି ରହିଛି, ସେଥିପାଇଁ କେଉଁ ମାଧ୍ୟମରେ ଅଭିଯୋଗ କରାଯାଇପାରିବ; ଏହି ସମସ୍ୟାର ସମାଧାନ ପାଇଁ ବିଭାଗ କେଉଁ କେଉଁ ପଦକ୍ଷେପ ଗ୍ରହଣ କରିଛି କିମ୍ବା ଗ୍ରହଣ କରିବାକୁ ଯୋଜନା ରହିଛି; ଏହା ସମ୍ବନ୍ଧରେ ସମ୍ପୂର୍ଣ୍ଣ ତଥ୍ୟ ସଂଗ୍ରହ କରି ସରକାର ଲୋକମାନଙ୍କୁ ସଚେତନ କରିବା ପାଇଁ କୌଣସି ବ୍ୟବସ୍ଥା କରିଛନ୍ତି କି ?

----

## ଡ଼ମ୍ପିଙ୍ଗ ୟାର୍ଡ଼କୁ ସ୍ଥାନାନ୍ତର

**୬୦୮୯ ଶ୍ରୀ ବ୍ୟୋମକେଶ ରାୟ (ଚାନ୍ଦବାଲି):**

**ଗୃହ ନିର୍ମାଣ ଓ ନଗର ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିः- (କ) ସୈନିକ ସ୍କୁଲ ନିକଟରେ ଥିବା ଡମ୍ପିଙ୍ଗ ୟାର୍ଡ ଦ୍ୱାରା ସ୍ଥାନୀୟ ଲୋକମାନେ ଓ ଛାତ୍ରଛାତ୍ରୀମାନେ ପରିବେଶ ଓ ସ୍ୱାସ୍ଥ୍ୟ ସମସ୍ୟାର ସମ୍ମୁଖୀନ ହେଉଥିବା ବିଷୟ ସରକାରଙ୍କ ଦୃଷ୍ଟିଗୋଚରରେ ଆସିଛି କି; (ଖ) ଯଦି ଆସିଛି, ତେବେ ଉକ୍ତ ଡମିଙ୍ଗ ୟାର୍ଡକୁ ସ୍ଥାନାନ୍ତର କରିବା ପାଇଁ ସରକାରଙ୍କର କେମିତି ଯୋଜନା ରହିଛି; ଏହାକୁ କେବେ ସୁଦ୍ଧା ସ୍ଥାନାନ୍ତର କରାଯିବ ବୋଲି ସରକାର କୌଣସି ସମୟସୀମା ନିର୍ଦ୍ଧାରଣ କରିଛନ୍ତି କି; ଏପର୍ଯ୍ୟନ୍ତ ଏହି ସମସ୍ୟା ସମାଧାନ ପାଇଁ ବିଭାଗ କେଉଁ କେଉଁ ପଦକ୍ଷେପ ଗ୍ରହଣ କରିଛି ?

----

## District wise Coverage of ESI facilities in Western Odisha

**୬୦୯୦ ଶ୍ରୀ ସାଗର ଚରଣ ଦାସ (ଭାବନୀପାଟଣା):**

**ଶ୍ରମ ଓ କର୍ମଚାରୀଙ୍କ ରାଜ୍ୟ ବୀମା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିः- What is the district-wise coverage of Employees 'State Insurance (ESI) facilities in western Odisha, including the number of registered workers and the status of ESI Hospitals or dispensaries in Kalahandi ?

----

## Status of State Public Sector Projects of Kalahandi

**୬୦୯୧ ଶ୍ରୀ ସାଗର ଚରଣ ଦାସ (ଭାବନୀପାଟଣା):**

**ସରକାରୀ ଉଦ୍ୟୋଗ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିः- What is the district-wise status of state public sector projects and Industrial units proposed in Kalahandi and western Odisha, including investment amount, employment promised and jobs actually created in the last two years?

----

**Upgradation of new Urban Local bodies & NACS**

6092 **ଶ୍ରୀ ସାଗର ଚରଣ ଦାସ (ଭାବନୀପାଟଣା):**

**ଗୃହ ନିର୍ମାଣ ଓ ନଗର ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିः- After the creation or upgradation of new Urban Local Bodies and NACs in Odisha, what is the status of infrastructure development funds released to Bhawanipatna and other western Odisha towns, and how much has been spent on roads, drainage and street lighting since Dec 2025 ?

----

**Land Parcels in Kalahandi allocated to public enterprises**

6093 **ଶ୍ରୀ ସାଗର ଚରଣ ଦାସ (ଭାବନୀପାଟଣା):**

**ସରକାରୀ ଉଦ୍ୟୋଗ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିः- How many land parcels in Kalahandi and Neighbouring districts have been allocated to public enterprises for industrial use since 2020, and how many remain idle despite land acquisition?

----

**District wise Data For Western Odisha**

6094 **ଶ୍ରୀ ସାଗର ଚରଣ ଦାସ (ଭାବନୀପାଟଣା):**

**ଶ୍ରମ ଓ କର୍ମଚାରୀଙ୍କ ରାଜ୍ୟ ବୀମା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିः- Is it a fact that 325 workers from Odisha died outside the state in the last two years while working as migrant labourers,if so, What is the district-wise data for western Odisha, especially Kalahandi and Western Odisha districts, and how many families received compensation?

----

**ଦାଦନ ଶ୍ରମକଙ୍କ ଜିଲ୍ଲାଭିତ୍ତିକ ତଥ୍ୟ**

6095 **ଶ୍ରୀ ସଂଜୀବ କୁମାର ମଲ୍ଲିକ (ଭଣ୍ଡାରୀପୋଖରୀ):**

**ଶ୍ରମ ଓ କର୍ମଚାରୀଙ୍କ ରାଜ୍ୟ ବୀମା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ବର୍ତ୍ତମାନ ଓଡ଼ିଶାରୁ କେତେ ଜଣ ଶ୍ରମିକ ଦାଦନ ଭାବେ ଅନ୍ୟ ରାଜ୍ୟକୁ କାମ ପାଇଁ ଯାଇଛନ୍ତି; ଜିଲ୍ଲାଭିତ୍ତିକ ତଥ୍ୟ ଦେବେ କି; ଗତ 18 ମାସ ମଧ୍ୟରେ ଦାଦନ ସମସ୍ୟା ଦାଦନ କମାଇବା ପାଇଁ ସରକାର କେଉଁ କେଉଁ ପଦକ୍ଷେପ ନେଇଛନ୍ତି; ଦାଦାନ ଶ୍ରମିକ ପଠାଉଥିବା ଦଲାଲ କିମ୍ବା ମିଡଲମ୍ୟାନ୍ ବିରୋଧରେ ଗତ 18 ମାସରେ କେତେଟି ମାମଲା ରୁଜୁ ହୋଇଛି କେତେ ଜଣଙ୍କୁ ଗିରଫ କରାଯାଇଛି ;ଦାଦନ ପ୍ରବଣ ଜିଲ୍ଲାଗୁଡ଼ିକରେ ଗ୍ରାମାଞ୍ଚଳରେ ସ୍ଥାନୀୟ ରୋଜଗାର ସୃଷ୍ଟି ଓ ଆର୍ଥିକ ବିକାଶ ପାଇଁ ସରକାର କେଉଁ କେଉଁ ଯୋଜନା ଆରମ୍ଭ କରିଛନ୍ତି; ସେହି ପଦକ୍ଷେପ ଫଳରେ ଗତ 18 ମାସରେ ଗ୍ରାମାଞ୍ଚଳରେ କେତେ ଜଣ ନୂତନ ରୋଜଗାର ପାଇଛନ୍ତି?

----

## ପ୍ରକଳ୍ପ ପାଇଁ ଅନୁମୋଦନ ହୋଇଥିବା ବନଜମିର ପରିମାଣ

6096 **ଶ୍ରୀ ସଂଜୀବ କୁମାର ମଲ୍ଲିକ (ଭଣ୍ଡାରୀପୋଖରୀ):**

**ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଗତ ଦେଢ଼ ବର୍ଷ ମଧ୍ୟରେ ଓଡ଼ିଶାରେ କେତେ ହେକ୍ଟର ବନ ଜମି ଖଣି, ଶିଳ୍ପ ଓ ଅନ୍ୟାନ୍ୟ ପ୍ରକଳ୍ପ ପାଇଁ ଅନୁମୋଦନ କରାଯାଇଛି; ଏହାର ଜିଲ୍ଲାଭିତ୍ତିକ ତଥ୍ୟ ସରକାର ପ୍ରଦାନ କରିବେ କି; ଗତ ଦେଢ଼ ବର୍ଷ ମଧ୍ୟରେ ରାଜ୍ୟରେ କେତେଟି ବନ ଅଗ୍ନିକାଣ୍ଡ (Forest Fire) ଘଟଣା ଘଟିଛି ଏବଂ ସେଥିରେ କେତେ ହେକ୍ଟର ବନ ଅଞ୍ଚଳ କ୍ଷତିଗ୍ରସ୍ତ ହୋଇଛି; ଓଡ଼ିଶାରେ ବଢୁଥିବା ତାପମାତ୍ରା, ଘୂର୍ଣ୍ଣିଝଡ଼ ଓ ବନ୍ୟା ପରି ଜଳବାୟୁ ପରିବର୍ତ୍ତନର ପ୍ରଭାବ ଦୃଷ୍ଟିରେ ସରକାର କେଉଁ State Climate Action Plan କାର୍ଯ୍ୟକାରୀ କରୁଛନ୍ତି; ରାଜ୍ୟରେ ଅବୈଧ ଗଛ କଟା (Illegal Tree Felling) ରୋକିବା ପାଇଁ ଗତ 18 ମାସ ମଧ୍ୟରେ କେତେଟି ମାମଲା ରୁଜୁ ହୋଇଛି ଏବଂ କେତେ ଜଣଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହୋଇଛି ?

----

## ହାତୀ ମଣିଷ ସଂଘର୍ଷ କମାଇବା ପାଇଁ ପଦକ୍ଷେପ

6097 **ଶ୍ରୀ ସଂଜୀବ କୁମାର ମଲ୍ଲିକ (ଭଣ୍ଡାରୀପୋଖରୀ):**

**ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ବନ୍ୟପ୍ରାଣୀ ସୁରକ୍ଷା ପାଇଁ ରାଜ୍ୟରେ ହାତୀ-ମଣିଷ ସଂଘର୍ଷ (Human-Elephant Conflict) କମାଇବା ପାଇଁ ସରକାର କେଉଁ ପଦକ୍ଷେପ ନେଇଛନ୍ତି; ରାଜ୍ୟରେ ବାୟୁ ଓ ପାଣି ପ୍ରଦୂଷଣ ନିୟନ୍ତ୍ରଣ ପାଇଁ ଶିଳ୍ପ ଓ ଖଣି କମ୍ପାନୀମାନଙ୍କ ଉପରେ ଗତ 18 ମାସ ମଧ୍ୟରେ କେତେ ଯାଞ୍ଚ କରାଯାଇଛି ଏବଂ କେତେ କମ୍ପାନୀ ବିରୋଧରେ କାର୍ଯ୍ୟାନୁଷ୍ଠାନ ହୋଇଛି ; ରାଜ୍ୟରେ କୋଷ୍ଟାଲ ଏରୋସନ (ସମୁଦ୍ର କୂଳ କ୍ଷୟ) ବଢୁଥିବା ପରିସ୍ଥିତିରେ ସମୁଦ୍ରତଟ ସୁରକ୍ଷା ପାଇଁ ସରକାର କେଉଁ ପଦକ୍ଷେପ ନେଇଛନ୍ତି; ରାଜ୍ୟରେ ପ୍ଲାଷ୍ଟିକ ପ୍ରଦୂଷଣ କମାଇବା ପାଇଁ ସରକାର କେଉଁ ଯୋଜନା ଗ୍ରହଣ କରିଛନ୍ତି ଏବଂ ଗତ 18 ମାସ ମଧ୍ୟରେ କେତେ ଜଣଙ୍କୁ କଣ ଦଣ୍ଡ ଦିଆଯାଇଛି; ଓଡ଼ିଶାରେ ପରିବେଶ ସୁରକ୍ଷା ଓ ଜଳବାୟୁ ସମତୁଳନ ପାଇଁ ଆଗାମୀ 5 ବର୍ଷ ପାଇଁ ସରକାରଙ୍କ ଦୀର୍ଘମିୟାଦୀ ପରିକଳ୍ପନା କଣ?

----

## ପରିବେଶ ପ୍ରଦୂଷଣକୁ କମ କରିବା ପାଇଁ ପଦକ୍ଷେପ

6098 **ଶ୍ରୀ ସଂଜୀବ କୁମାର ମଲ୍ଲିକ (ଭଣ୍ଡାରୀପୋଖରୀ):**

**ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) ଦିନକୁ ଦିନ ପରିବେଶ ପ୍ରଦୂଷଣ ବୃଦ୍ଧି ପାଇବାରୁ ବାୟୁ, ଜଳ ଓ ଶବ୍ଦ ପ୍ରଦୂଷଣ ଭଳି ବିଭିନ୍ନ ପ୍ରକାର ପ୍ରଦୂଷଣ ଦେଖାଯାଉଛି ଓ ଏହାର ପ୍ରଭାବରେ ସାଧାରଣ ଲୋକଙ୍କ ସ୍ୱାସ୍ଥ୍ୟ ଉପରେ କୁପ୍ରଭାବ ପଡୁଛି ବୋଲି ସରକାରଙ୍କ ନଜରକୁ ଆସିଛି କି ; (ଖ) ଯଦି ହଁ, ତେବେ ଏହି ପରିବେଶ ପ୍ରଦୂଷଣକୁ କମ କରିବା ପାଇଁ ସରକାର କେଉଁ କେଉଁ ପଦକ୍ଷେପ ଗ୍ରହଣ କରିଛନ୍ତି ; ଆଗାମୀ ଦିନରେ ପରିବେଶ ପ୍ରଦୂଷଣକୁ ଅଧିକ ଭାବରେ ନିୟନ୍ତ୍ରଣ ଓ କମ କରିବା ପାଇଁ ସରକାରଙ୍କ ପକ୍ଷରୁ କେଉଁ ପ୍ରକାରର ଯୋଜନା ଓ ପଦକ୍ଷେପ ଗ୍ରହଣ କରାଯାଉଛି ?

----

## ଲେବର କାର୍ଡ଼ଧାରୀ ପିଲାମାନଙ୍କୁ ଆର୍ଥିକ ସହାୟତା

6099 **ଶ୍ରୀ ସଂଜୀବ କୁମାର ମଲ୍ଲିକ (ଭଣ୍ଡାରୀପୋଖରୀ):**

**ଶ୍ରମ ଓ କର୍ମଚାରୀଙ୍କ ରାଜ୍ୟ ବୀମା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) ବର୍ତ୍ତମାନ ଯେଉଁମାନଙ୍କ ପାଖରେ ଲେବର କାର୍ଡ ଅଛି, ସେମାନଙ୍କ ପିଲାମାନେ ଉଚ୍ଚ ଶିକ୍ଷା (Higher Studies) କରୁଥିଲେ ସରକାର ତରଫରୁ କେତେ ଟଙ୍କା ସାହାଯ୍ୟ କିମ୍ବା ସ୍କଲାରଶିପ୍ ଦିଆଯାଉଛି; (ଖ) ବିଭିନ୍ନ ପ୍ରକାର ଟେକ୍ନିକାଲ୍ ଶିକ୍ଷା (Technical Education) ଯଥା ଇଞ୍ଜିନିୟରିଂ, ପଲିଟେକ୍ନିକ୍, ଆଇଟିଆଇ ଇତ୍ୟାଦି ପଢୁଥିବା ଲେବର କାର୍ଡଧାରୀଙ୍କ ପିଲାମାନଙ୍କୁ ବର୍ତ୍ତମାନ କେତେ ଟଙ୍କା ଆର୍ଥିକ ସହାୟତା ଦିଆଯାଉଛି; ଏହି ସ୍କଲାରଶିପ୍ ରାଶିକୁ ବଢ଼ାଇବା ପାଇଁ ବିଭାଗ ତରଫରୁ କୌଣସି ପ୍ରସ୍ତାବ କିମ୍ବା ପଦକ୍ଷେପ ଗ୍ରହଣ କରାଯାଉଛି କି; ଟେକ୍ନିକାଲ୍ ଏଜୁକେସନ୍ ପଢୁଥିବା ଲେବର କାର୍ଡଧାରୀଙ୍କ ପିଲାମାନଙ୍କୁ ଅଧିକ ସ୍କଲାରଶିପ୍ କିମ୍ବା ମାଗଣା ଶିକ୍ଷା ସୁବିଧା ଦେବା ପାଇଁ ବିଭାଗ ତରଫରୁ କେଉଁ କେଉଁ ପଦକ୍ଷେପ ନିଆଯାଉଛି ?

----

## ଜଙ୍ଗଲ ଧ୍ୱଂସର ପରିମାଣ

6100 **ଶ୍ରୀ ତାରା ପ୍ରସାଦ ବାହିନୀପତି (ଜୟପୁର):**

**ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ ଗ୍ରୀଷ୍ମ ପ୍ରବାହ ସମୟରେ ଗତ ଦୁଇ ବର୍ଷ ମଧ୍ୟରେ କେତେ ଜଙ୍ଗଲରେ ନିଆଁ ଲାଗି କେତେ ପରିମାଣର ଜଙ୍ଗଲ ଧ୍ୱଂସ ହେବା ସହ କେତେ ସଂଖ୍ୟକ ଜଙ୍ଗଲଜନ୍ତୁ ଓ ପଶୁ ପକ୍ଷୀ ମୃତାହତ ହୋଇଛନ୍ତି; କୋରାପୁଟ ଜିଲ୍ଲାରେ ଏହାର ପରିମାଣ କେତେ; ନିଆଁ ଲାଗିବାର କାରଣ କଣ; ବନ ବିଭାଗ ଏ ଦିଗରେ କି ପ୍ରକାର ପଦକ୍ଷେପ ଗ୍ରହଣ କରିଛି ?

----

## ନିଗମରେ ଅଧ୍ୟକ୍ଷ ପଦବୀପୂରଣ

6101 **ଶ୍ରୀ ତାରା ପ୍ରସାଦ ବାହିନୀପତି (ଜୟପୁର):**

**ସରକାରୀ ଉଦ୍ୟୋଗ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ରାଜ୍ୟରେ ସମୁଦାୟ କେତୋଟି ନିଗମ ରହିଛି; ସେଥିମଧ୍ୟରୁ କେଉଁ କେଉଁ ନିଗମ ଲାଭ ବା କ୍ଷତିରେ ଚାଲୁଛି; ଏହାର ବାର୍ଷିକ ପରିମାଣ କେତେ; କେଉଁ କେଉଁ ନିଗମରେ ଅଧ୍ୟକ୍ଷ ପଦବୀ ଖାଲି ପଡ଼ିଛି; ଖାଲି ପଡ଼ିଥିବା ପଦବୀ ପୂରଣ ନ ହେବା ପଛର କାରଣ କଣ ?

----

## ବୁଝାମଣା ସ୍ୱାକ୍ଷର ହୋଇଥିବା ବୀମା କମ୍ପାନୀ

6102 **ଶ୍ରୀ ତାରା ପ୍ରସାଦ ବାହିନୀପତି (ଜୟପୁର)ଃ**

**ଶ୍ରମ ଓ କର୍ମଚାରୀଙ୍କ ରାଜ୍ୟ ବୀମା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ରାଜ୍ୟରେ ସରକାରୀ କର୍ମଚାରୀଙ୍କ ବୀମା ବାବଦରେ କେଉଁ କେଉଁ ବୀମା କମ୍ପାନୀ ସହ ବୁଝାମଣା ସ୍ୱାକ୍ଷରିତ ହୋଇଛି; ବୀମା ବାବଦରେ ରାଜ୍ୟ ସରକାର କେତେ ଅର୍ଥ ବହନ କରିଛନ୍ତି; ଗତ ଦୁଇ ବର୍ଷ ମଧ୍ୟରେ ବୀମା କମ୍ପାନୀଗୁଡ଼ିକ କର୍ମଚାରୀଙ୍କ କ୍ଷତି ପୂରଣ ବାବଦକୁ କେତେ ପରିମାଣ ଅର୍ଥ ରାଶି ପ୍ରଦାନ କରିଛନ୍ତି ?

----

## ଜଙ୍ଗଲ ଜାତ ସାମଗ୍ରୀ ବିକ୍ରି କାରବାର

6103 **ଶ୍ରୀ ତାରା ପ୍ରସାଦ ବାହିନୀପତି (ଜୟପୁର)ଃ**

**ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- OFDCରେ ଗତ ଦୁଇ ବର୍ଷ ମଧ୍ୟରେ କେତେ ଜଙ୍ଗଲ ଜାତ ସାମଗ୍ରୀ ବିକ୍ରୀ କାରବାର ହୋଇଛି, ତାହାର ବର୍ଷୱାରୀ ବିବରଣୀ ପ୍ରଦାନ କରିବେ କି; ଏହି ନିଗମରେ ବହୁ ମୂଲ୍ୟବାନ କାଠ ବର୍ଷ ବର୍ଷ ଧରି ଖତ ଖାଉଥିବା ଘଟଣା ସତ୍ୟ କି; ନିଗମରେ କେତେ ସଂଖ୍ୟକ ମଞ୍ଜୁରୀ ପ୍ରାପ୍ତ ପଦବୀ ରହିଛି ; ସେଥିମଧ୍ୟରୁ ବର୍ତ୍ତମାନ ସୁଦ୍ଧା କେତେ ସଂଖ୍ୟକ ପଦବୀ ଖାଲି ପଡ଼ିଛି ?

----

## ରାସ୍ତାକୁ ଜବରଦଖଲ କରି ବିଏମସି ଭେଣ୍ଡି ଜୋନ ନିର୍ମାଣ

6104 **ଶ୍ରୀ ତାରା ପ୍ରସାଦ ବାହିନୀପତି (ଜୟପୁର)ଃ**

**ଗୃହ ନିର୍ମାଣ ଓ ନଗର ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ରାଜଧାନି ୟୁନିଟ ୧ ; ଅଞ୍ଚଳରେ ଥିବା ଆଦିବାସୀ ପଡିଆକୁ ରାଜମହଲ ଛକରୁ ସଂଯୋଗ କରୁଥିବା ଏକମାତ୍ର ରାସ୍ତାକୁ ଜବରଦଖଲ କରି ବି ଏମ୍ ସି ଭେଣ୍ଡିଂ ଜୋନ କରିଥିବା ସରକାର ଅବଗତ ଅଛନ୍ତି କି; ପ୍ରସ୍ତାବିତ ଭେଣ୍ଡି ଜୋନ ନିର୍ମାଣ ଦ୍ୱାରା ଆଦିବାସୀ ପଡିଆ ରାସ୍ତାର ସୌନ୍ଦର୍ଯ୍ୟକରଣ ନଷ୍ଟ ହେବା ସହ ସେହି ଅଞ୍ଚଳରେ ଥିବା ସ୍କୁଲ ଗୁଡ଼ିକର ବସ ଯିବା ଆସିବା ବାଧାପ୍ରାପ୍ତ ହୋଇଥିବା ସରକାର ଜାଣିଛନ୍ତି କି; ଉତ୍ତର ଯଦି ହଁ ହୁଏ, ତେବେ ସରକାର ଏହାକୁ ବନ୍ଦ କରିବା ପାଇଁ ପଦକ୍ଷେପ ଗ୍ରହଣ କରିବେ କି ?

----

## ମାମଲା ଗୁଡ଼ିକର ଆଶୁ ଫଇସଲା

6105 **ଶ୍ରୀ ପ୍ରଶାନ୍ତ ବେହେରା (ସାଲେପୁର)ଃ**

**ଶ୍ରମ ଓ କର୍ମଚାରୀଙ୍କ ରାଜ୍ୟ ବୀମା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ରାଜ୍ୟ ଶ୍ରମ ଟ୍ରିବୁନାଲ୍‌ରେ କେତେଗୋଟି ମାମଲା ବିଚାରାଧିନ ଅଛି, ବିଗତ ତିନି ବର୍ଷରେ କେତୋଟି ଫଇସଲା ହୋଇଛି, ବକେୟା ମାମଲା ଗୁଡ଼ିକର ଆଶୁ ଫଇସଲା ପାଇଁ କି ପଦକ୍ଷେପ ଗ୍ରହଣ କରାଯାଉଅଛି ?

----

## ଜରାଜୀର୍ଣ୍ଣ ଗୃହ ମରାମତି

6106 **ଶ୍ରୀ ପ୍ରଶାନ୍ତ ବେହେରା (ସାଲେପୁର):**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ସାଲେପୁର ଓ ଟାଙ୍ଗୀ ଚୌଦ୍ୱାର ବ୍ଲକ କଲୋନୀ ମାନଙ୍କରେ କେତେଗୋଟି ସରକାରୀ ବାସଗୃହ ଥିଲାବେଳେ ତନ୍ମଧ୍ୟରୁ କେତୋଟି ଜରାଜୀର୍ଣ୍ଣ ଅବସ୍ଥାରେ ଅଛି, ଏହି ଜରାଜୀର୍ଣ୍ଣ ଗୃହର ପୁନଃ ନିର୍ମାଣ ପାଇଁ କି ପଦକ୍ଷେପ ଗ୍ରହଣ କରାଯାଉଅଛି ?

----

## ଗୁଣବତ୍ତା ପରୀକ୍ଷଣ

6107 **ଶ୍ରୀ ପ୍ରଶାନ୍ତ ବେହେରା (ସାଲେପୁର):**

**ଗୃହ ନିର୍ମାଣ ଓ ନଗର ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ଗ୍ରାମାଞ୍ଚଳରେ ନିର୍ମିତ ଆପାର୍ଟମେଣ୍ଟ ଗୁଡ଼ିକର ଗୁଣବତ୍ତା ପରୀକ୍ଷଣ ପାଇଁ ସରକାର କି ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରୁଛନ୍ତି ?

----

## ଜବର ଦଖଲ ମୁକ୍ତ କରିବାକୁ ପଦକ୍ଷେପ

6108 **ଶ୍ରୀ ପ୍ରଶାନ୍ତ ବେହେରା (ସାଲେପୁର):**

**ସରକାରୀ ଉଦ୍ୟୋଗ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ରାଜ୍ୟର ବନ୍ଦ ହୋଇଥିବା କେଉଁ ସରକାରୀ ଉଦ୍ୟୋଗର କେତେ ପରିମାଣ ଜାଗା ଜବରଦଖଲ ହୋଇଛି, ତାହାକୁ ଜବରଦଖଲ ମୁକ୍ତ କରିବାକୁ କି ପଦକ୍ଷେପ ଗ୍ରହଣ କରାଯାଉଅଛି ?

----

## ପରିବେଶ ପର୍ଯ୍ୟଟନ ଯୋଜନା

6109 **ଶ୍ରୀ ପ୍ରଶାନ୍ତ ବେହେରା (ସାଲେପୁର):**

**ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ଟାଙ୍ଗୀ-ଚୌଦ୍ୱାର ବ୍ଲକର କେଉଁ ସ୍ଥାନକୁ ପରିବେଶ ପର୍ଯ୍ୟଟନ ଯୋଜନାରେ ସାମିଲ୍ କରାଯାଇ ଅଦ୍ୟାବଧି ଏ ବାବଦରେ କେତେ ଅର୍ଥ ଖର୍ଚ୍ଚ କରାଯାଇଛି ?

----

## ଲକ୍ଷ୍ମୀ ବସ୍ ସେବାର ସଫଳ ପରିଚାଳନା ପାଇଁ ପଦକ୍ଷେପ

6110 **ଶ୍ରୀ ସାରଦା ପ୍ରସାଦ ନାୟକ (ରାଉରକେଲା):**

**ଗୃହ ନିର୍ମାଣ ଓ ନଗର ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ରାଜ୍ୟରେ Mo Bus, Ama Bus ଓ ଲକ୍ଷ୍ମୀ ବସ୍ ସେବାର ସଫଳ ପରିଚାଳନା ପାଇଁ ସରକାର କେଉଁ ପଦକ୍ଷେପ ଗ୍ରହଣ କରିଛନ୍ତି; ବିଭିନ୍ନ ଅଞ୍ଚଳର ବସ୍ଷ୍ଟାଣ୍ଡମାନଙ୍କର ରକ୍ଷଣାବେକ୍ଷଣ, ପରିଚ୍ଛନ୍ନତା ଓ ମୌଳିକ ସୁବିଧାର ଅଭାବ ସମ୍ବନ୍ଧରେ ସରକାରଙ୍କ ଦୃଷ୍ଟିକୋଣ କ'ଣ; ବସ୍ ଚାଳକମାନଙ୍କ ବେପରୁଆ ଗାଡ଼ି ଚାଳନା ଫଳରେ ଘଟୁଥିବା ଦୁର୍ଘଟଣାକୁ ରୋକିବା ପାଇଁ କୌଣସି କଠୋର ନିୟନ୍ତ୍ରଣ ବ୍ୟବସ୍ଥା ଓ ପ୍ରଶିକ୍ଷଣ ପ୍ରଣାଳୀ ରହିଛି କି; ଯାତ୍ରୀ ସୁରକ୍ଷା ଓ ସୁବିଧା ସୁନିଶ୍ଚିତ କରିବା ପାଇଁ ଗମନାଗମନ ବ୍ୟବସ୍ଥାର ତ୍ରୁଟି ସୁଧାରିବାରେ ସରକାର ଆଗାମୀ ଦିନରେ କେଉଁ ପଦକ୍ଷେପ ଗ୍ରହଣ କରିବେ?

----

### Total number of households provided with piped drinking water supply connection

6111 **ଶ୍ରୀ ସାରଦା ପ୍ରସାଦ ନାୟକ (ରାଉରକେଲା):**

**ଗୃହ ନିର୍ମାଣ ଓ ନଗର ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- (a) the total number of households that have been provided with direct piped drinking water supply connections in urban areas of the State under various water supply schemes; (b) the city-wise data of beneficiary households in all Urban Local Bodies (ULBs) that have been covered under such piped water supply schemes; and the specific number of households that have been provided with direct piped drinking water supply connections in the area under the Rourkela Municipal Corporation?

----

### Details of Govt. employees working in various state public sector undertakings

6112 **ଶ୍ରୀ ସାରଦା ପ୍ରସାଦ ନାୟକ (ରାଉରକେଲା):**

**ସରକାରୀ ଉଦ୍ୟୋଗ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- (a) the details of Government employees working in various State Public Sector Undertakings and Public Enterprises in the State; (b) the total sanctioned strength, present working strength and number of vacant posts in each of these undertakings/enterprises, and whether any new recruitment has been made in these undertakings and public enterprises during the last three years and, if so, the year-wise details thereof?

----

### ଚାଷର ସଫଳ ଅମଳ ପାଇଁ ପରାମର୍ଶ

6113 **ଶ୍ରୀ ସାରଦା ପ୍ରସାଦ ନାୟକ (ରାଉରକେଲା):**

**ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) ଜଳବାୟୁ ପରିବର୍ତ୍ତନ ହେବା ଯୋଗୁଁ ଦୀର୍ଘ ବର୍ଷ ଧରି ଠିକ୍ ସମୟରେ ଓ ଠିକ୍ ପରିମାଣରେ ବର୍ଷା ହେଉ ନଥିବାରୁ ରାଜ୍ୟରେ ଧାନ ସହିତ ବିଭିନ୍ନ ଫସଲ ପ୍ରଭାବିତ ହେଉଥିବା ବିଷୟ ସରକାରଙ୍କ ଦୃଷ୍ଟିକୁ ଆସିଛି କି; (ଖ) ଯଦି ହଁ, ଏହାକୁ ବିଚାରକୁ ନେଇ ବିଭିନ୍ନ ଋତୁରେ କୃଷକମାନେ କରୁଥିବା ଚାଷର ସଫଳ ଅମଳ ପାଇଁ କୃଷି ବିଭାଗକୁ ସରକାର କେଉଁ କେଉଁ ପରାମର୍ଶ କିମ୍ବା ନିର୍ଦ୍ଦେଶ ଦେଇଛନ୍ତି?

----

## ବିଲ ପଇଠ ହୋଇଥିବା ପ୍ରକଳ୍ପର ସଂଖ୍ୟା

6114 **ଶ୍ରୀ ସାରଦା ପ୍ରସାଦ ନାୟକ (ରାଉରକେଲା):**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) ୨୦୨୪ ବର୍ଷରେ ରାଜ୍ୟର ବିଭିନ୍ନ ଗ୍ରାମ ପଞ୍ଚାୟତରେ " ଆମ ଓଡ଼ିଶା, ନବୀନ ଓଡ଼ିଶା" ଯୋଜନା ମାଧ୍ୟମରେ ସରକାର ଯେଉଁସବୁ ପ୍ରକଳ୍ପର ନିର୍ମାଣ କାର୍ଯ୍ୟ ହାତକୁ ନେଇଥିଲେ, ସେଥି ମଧ୍ୟରୁ କେତେ ପ୍ରକଳ୍ପର ବିଲ୍ ଇତିମଧ୍ୟରେ ପଇଠ ହୋଇଛି ଏବଂ କେଉଁ କେଉଁ ପ୍ରକଳ୍ପର ବିଲ୍ ପାସ୍ ହେବା ବକେୟା ରହିଛି; ତାହାର ଜିଲ୍ଲା, ବ୍ଲକ୍, ପଞ୍ଚାୟତ ଓ ପ୍ରକଳ୍ପ ଭିତ୍ତିକ ତାଲିକା ସରକାର ପ୍ରଦାନ କରିବେ କି; (ଖ) ପ୍ରକଳ୍ପ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଥିଲେ ମଧ୍ୟ କେଉଁ କାରଣରୁ କିଛି ପ୍ରକଳ୍ପର ବିଲ୍ ପାସ୍ ହୋଇନାହିଁ ଓ ପଇଠ ହୋଇନାହିଁ ?

----

## ବନ୍ୟ ପ୍ରାଣୀଙ୍କ ତାଲିକା

6115 **ଶ୍ରୀ ଦେବୀ ରଞ୍ଜନ ତ୍ରିପାଠୀ (ବାଙ୍କୀ):**

**ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଚନ୍ଦକା ଡମପଡା ଅଭୟାରଣ୍ୟରେ କେଉଁ କେଉଁ ପ୍ରଜାତିର କେତେ ବନ୍ୟପ୍ରାଣୀ ଅଛନ୍ତି ବିଗତ ପାଞ୍ଚ ବର୍ଷର ତାଲିକା ପ୍ରଦାନ କରିବେ କି ?

----

## ରାସ୍ତା ମରାମତି

6116 **ଶ୍ରୀ ଦେବୀ ରଞ୍ଜନ ତ୍ରିପାଠୀ (ବାଙ୍କୀ):**

**ଗ୍ରାମ୍ୟ ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ବାଙ୍କୀ ନିର୍ବାଚନ ମଣ୍ଡଳୀରେ ଜରାଜୀର୍ଣ୍ଣ ରାସ୍ତା, ସେତୁ ଓ ସରକାରୀ ବାସଗୃହ ଓ ଶିକ୍ଷାନୁଷ୍ଠାନର ମରାମତି ପାଇଁ କେତେ ଅର୍ଥର ଆବଶ୍ୟକତା ଥିଲାବେଳେ ସେହି ଅର୍ଥ ଆହାରଣ ପୂର୍ବକ ପ୍ରକଳ୍ପ କାର୍ଯ୍ୟ ସମ୍ପାଦନ ପାଇଁ କି ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରାଯାଉଛି ?

----

## ସତ୍ତ୍ୱଭୁକ୍ତ କରିବାକୁ ପଦକ୍ଷେପ

6117 **ଶ୍ରୀ ଦେବୀ ରଞ୍ଜନ ତ୍ରିପାଠୀ (ବାଙ୍କୀ):**

**ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟର କେଉଁ କେଉଁ ସରକାରୀ କାର୍ଯ୍ୟାଳୟ, ଶିକ୍ଷାନୁଷ୍ଠାନ ଜଙ୍ଗଲ ଜମିର ପ୍ରତିଷ୍ଠିତ ହୋଇଛି ପ୍ରକାଶ କରି ଏହି ଜମିକୁ ଅବସ୍ଥିତ ଅନୁଷ୍ଠାନ ନାମରେ ସ୍ୱତ୍ୱଭୁକ୍ତ କରିବାକୁ କି ପଦକ୍ଷେପ ଗ୍ରହଣ କରାଯାଉଛି ?

----

## ବିଡି ଶ୍ରମିକଙ୍କ କଲ୍ୟାଣ

6118 **ଶ୍ରୀ ଦେବୀ ରଞ୍ଜନ ତ୍ରିପାଠୀ (ବାଙ୍କୀ):**

**ଶ୍ରମ ଓ କର୍ମଚାରୀଙ୍କ ରାଜ୍ୟ ବୀମା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟର କେଉଁ ଜିଲ୍ଲାରେ କେତେଜଣ ବିଡି ଶ୍ରମିକ ଅଛନ୍ତି, ଏମାନଙ୍କୁ ପଞ୍ଜିକୃତ କରି ସେମାନଙ୍କ କଲ୍ୟାଣ ପାଇଁ କି ପଦକ୍ଷେପ ଗ୍ରହଣ କରାଯାଉଛି ?

----

## ଜମି ସଂରକ୍ଷଣ

6119 **ଶ୍ରୀ ଦେବୀ ରଞ୍ଜନ ତ୍ରିପାଠୀ (ବାଙ୍କୀ):**

**ଗୃହ ନିର୍ମାଣ ଓ ନଗର ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ବାଙ୍କୀ ସହରରେ କେତେ ପରିମାଣର ସରକାରୀ ଜମି ବିଭିନ୍ନ ପ୍ରକଳ୍ପ ପାଇଁ ସଂରକ୍ଷିତ କରାଯାଇଛି ପ୍ରକାଶ କରି ଭବିଷ୍ୟତର କଲ୍ୟାଣକାରୀ କାର୍ଯ୍ୟକ୍ରମ ପାଇଁ ଅଧିକ ଜମି ସଂରକ୍ଷିତ ପାଇଁ ବ୍ୟବସ୍ଥା କରିବେ କି ?

----

## ହାତୀ ଓ ଅନ୍ୟ ପ୍ରାଣୀଙ୍କ ସକାଶେ ଜଙ୍ଗଲ ସୃଷ୍ଟି

6120 **ଶ୍ରୀ ଧ୍ରୁବ ଚରଣ ସାହୁ (ରାଜନଗର):**

**ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ ବୃକ୍ଷ ରୋପଣ ଯୋଜନାରେ କେଉଁ କେଉଁ ଗଛ ଲଗାଯାଉଛି ବା କେଉଁ ନୂଆ ଗଛ ଲଗାଇବା ପାଇଁ ପଦକ୍ଷେପ ନିଆଯାଉଛି, ଗତ ବର୍ଷ ଓ ଏବର୍ଷ କେତେ ବୃକ୍ଷ ରୋପଣ ହୋଇଛି, ହାତୀ ଏବଂ ଅନ୍ୟ ବନ୍ୟପ୍ରାଣୀଙ୍କ ସକାଶେ କେଉଁ ଜଙ୍ଗଲ ସୃଷ୍ଟି ଓ ବୃକ୍ଷ ରୋପଣ ଆବଶ୍ୟକ ପଡୁଛି ଓ ସେ ଦିଗରେ କି ପଦକ୍ଷେପ ଗତ ବର୍ଷ ଓ ଏବର୍ଷ ନିଆଯାଇଛି ?

----

## ପାହାଡର ସଂଖ୍ୟା

6121 **ଶ୍ରୀ ଧ୍ରୁବ ଚରଣ ସାହୁ (ରାଜନଗର):**

**ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ ଜଙ୍ଗଲ ଥିବା ପାହାଡ ଓ ନଣ୍ଡା ପାହାଡର ସଂଖ୍ୟା କେତେ ଏବଂ ସେ ସବୁର ଆୟତନ କେତେ ଏସବୁ ପାହାଡଗୁଡିକରେ ସବୁଜ ବଳୟ ସୃଷ୍ଟି ଓ ବୃଦ୍ଧି ପାଇଁ କୌଣସି ପଦକ୍ଷେପ ନିଆଯାଉଛି କି ଓ ଉତ୍ତର ହଁ ହୋଇଥିଲେ, ଗତ ବର୍ଷ ଓ ଚଳିତ ବର୍ଷ ଏ କ୍ଷେତ୍ରରେ କଣ କରାଯାଇଛି ?

----

## ରାସ୍ତା ରକ୍ଷଣାବେକ୍ଷଣ ଦାୟିତ୍ୱ

**6122 ଶ୍ରୀ ଧ୍ରୁବ ଚରଣ ସାହୁ (ରାଜନଗର):**

**ଗ୍ରାମ୍ୟ ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ ଯେଉଁସବୁ ରାସ୍ତା ଗ୍ରାମାଞ୍ଚଳରେ ନିର୍ମାଣ କରାଯାଉଛି ସେସବୁର ରକ୍ଷଣାବେକ୍ଷଣ ଦାୟୀତ୍ୱ ନିର୍ଦ୍ଦିଷ୍ଟ ନିର୍ମାଣକାରୀ ସଂସ୍ଥାକୁ କିଛି ବର୍ଷ ପାଇଁ ଦିଆଯିବାର ବ୍ୟବସ୍ଥା ରହିଛି କି ଏବଂ ତାହା ହୋଇଥିଲେ ସେ ସମ୍ପର୍କରେ ବିଷଦ ବିବରଣୀ ଦେବେ କି, ରାଜ୍ୟରେ ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧିନରେ କେଉଁ କେଉଁ ସ୍କିମର କେତେ ରାସ୍ତା ହୋଇଛି ଓ ସେପରି ଆଉ କେତେ ରାସ୍ତା ନିର୍ମାଣ ପାଇଁ ଯୋଜନା କରାଯାଉଛି ?

----

## ବାହାର ରାଜ୍ୟରୁ ଆସିଥିବା ଶ୍ରମିକଙ୍କ ସଂଖ୍ୟା

**6123 ଶ୍ରୀ ଧ୍ରୁବ ଚରଣ ସାହୁ (ରାଜନଗର):**

**ଶ୍ରମ ଓ କର୍ମଚାରୀଙ୍କ ରାଜ୍ୟ ବୀମା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ ଏବେ ଯେତେକି ଶ୍ରମିକ ଉଭୟ କୃଷି ଓ ଅଣକୃଷି କ୍ଷେତ୍ରରେ କାମ କରୁଛନ୍ତି ସେମାନଙ୍କ ମଧ୍ୟରୁ କେତେ ପ୍ରତିଶତ ଅନ୍ୟାନ୍ୟ ରାଜ୍ୟର ଏବଂ ସେମାନଙ୍କ ସଂଖ୍ୟା କେତେ ଏବଂ ସେମାନେ କେଉଁଠାରୁ ଓଡ଼ିଶାକୁ ଆସିଛନ୍ତି ସେମାନଙ୍କ ହାର ଓ ସଂଖ୍ୟା ଗତ ୩ ବର୍ଷରେ କେତେ ବଢ଼ିଛି ବା କମିଛି ?

----

## Illegal Construction

**6124 ଶ୍ରୀ ଧ୍ରୁବ ଚରଣ ସାହୁ (ରାଜନଗର):**

**ଗୃହ ନିର୍ମାଣ ଓ ନଗର ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- That, is there any action taken by BMC with respect to appeal received BMC on 4th Sept, 2025 vide letter no- Shampur/BMC/Forwarded to ZDC, South - West Zone vide No. 9244 dtd. 6th Sept. 2025 repaired illegal construction on registered shifted Law to BDA?

----

## ଭୂତଳ ଜଳର ସୁ ବିନିଯୋଗ

**6125 ଶ୍ରୀ ନୀଳମାଧବ ହିକକା (ବିଷମ -କଟକ):**

**ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ ଜଳ ସରଂକ୍ଷଣ, ଭୂତଳ ଜଳର ସୁ (ପାନୀୟ ଜଳ) ବିନିଯୋଗ ଓ ଗ୍ରାମଞ୍ଚଳରେ ଜଳ ସଙ୍କଟ (ପାନୀୟ ଜଳ, ନିତ୍ୟ ବ୍ୟବହାର୍ଯ୍ୟ ଜଳ, ଜଳ ସେଚନ)ର ଦୂରୀକରଣ ଦିଗରେ, ଜଳ ସମ୍ପଦ, ଜଙ୍ଗଲ, କୃଷି, ରାଜସ୍ୱ, ପଞ୍ଚାୟତ ଓ ପାନୀୟ ଜଳ ବିଭାଗର ମିଳିତ ଉଦ୍ୟମରେ ପଞ୍ଚାୟତ ଭିତ୍ତିକ ସର୍ଭେ କରି ଏକ ଦୀର୍ଘମିୟାଦୀ (୩ ବର୍ଷ) ଯୋଜନା ମାଧ୍ୟମରେ କାର୍ଯ୍ୟ କରିବାକୁ ପ୍ରସ୍ତାବ ଗ୍ରହଣ କରି ଯୋଜନା ପ୍ରସ୍ତୁତ ପାଇଁ ନିର୍ଦ୍ଦେଶ ପ୍ରଦାନ କରିବେ କି ?

----

## ଓଭରଟାଇମ୍ ପ୍ରଦାନ

6126 **ଶ୍ରୀ ନୀଳମାଧବ ହିକକା (ବିଷମ -କଟକ):**

**ସରକାରୀ ଉଦ୍ୟୋଗ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ପରିବହନ ନିଗମରେ କେଉଁମାନେ ଶ୍ରମ, ଆଇନ, ବିତ୍ତୀୟ ଅଧିକାରୀ ଭାବେ ଦାୟିତ୍ୱ ତୁଲାଇଛନ୍ତି ତାହାର ବିଗତ ଦଶ ବର୍ଷର ତଥ୍ୟ ପ୍ରଦାନ ପୂର୍ବକ EPF ,ESIC, INSURANCE, BHATIA ଓ ଓଭରଟାଇମ୍ ପ୍ରଦାନ ଦିଗରେ କି ପ୍ରକାର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି. ଶତାଧିକ କର୍ମଚାରୀଙ୍କୁ ଏହି ସୁବିଧାରୁ ବଞ୍ଚିତ କରିଥିବା ସତ୍ୟ କି ?

----

## ସୁବିଧା ପାଇବାରୁ ବଞ୍ଚିତ କର୍ମଚାରୀ

6127 **ଶ୍ରୀ ନୀଳମାଧବ ହିକକା (ବିଷମ -କଟକ):**

**ସରକାରୀ ଉଦ୍ୟୋଗ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- OSRTCରେ କେତେଜଣ ଅବସରପ୍ରାପ୍ତ କର୍ମଚାରୀ 5th, 6th, 7th ବେତନ କମିଶନ ପାଇବାକୁ ଯୋଗ୍ୟ ଥାନ୍ତି, ଯୋଗ୍ୟ ହୋଇଥିଲେ ମଧ୍ୟ କେତେଜଣ ବେତନ କମିଶନରୁ ପାଇବାରୁ ବଞ୍ଚିତ ଅଛନ୍ତି, ସେମାନଙ୍କ ସମୁଦାୟ ବକେୟାର ହିସାବ କିତାବ କରାଯାଇ ତାହା ସରକାରଙ୍କ ଠାରେ ଉପସ୍ଥାପନ କରାଯାଇଛି କି, ନିଗମ ପରିଚାଳନାରେ ଥିବା CMD, GM ଆଦି ସମୟୋଚିତ ପଦକ୍ଷେପ ନ ନେବା ଯୋଗୁଁ କର୍ମଚାରୀମାନେ EPF, ESIC, Insurance, ପ୍ରାପ୍ୟ, ଭତ୍ତା ଆଦି ସୁବିଧାରୁ ବଞ୍ଚିତ ରହିଥିବା ସତ୍ୟ କି ?

----

## Rayagadaରେ Use of Polythene

6128 **ଶ୍ରୀ ନୀଳମାଧବ ହିକକା (ବିଷମ -କଟକ):**

**ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- (କ) Rayagadaରେ ନିଷିଦ୍ଧ କରାଯାଇଥିବା ସ୍ଥାନରେ Use of Polythene କଥା ଜାଣନ୍ତି କି, (ଖ) ଯଦି 'ହଁ', ତେବେ ଏହି କ୍ଷେତ୍ରରେ କି ପ୍ରକାର ବିଧିବିଧାନ ନିୟମାବଳୀ ଅଛି ?

----

## କ୍ୟାଡ଼ର ରୁଲ ସମ୍ପର୍କରେ

6129 **ଶ୍ରୀ ବିଭୁତି ଭୁଷଣ ବଳବନ୍ତରାୟ (ଜଟଣୀ):**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- 2024 ମାର୍ଚ୍ଚ ମାସରେ ଅର୍ଥବିଭାଗ ଦ୍ୱାରା ଅନୁମୋଦିତ ପଞ୍ଚାୟତିରାଜ ବିଭାଗର କ୍ୟାଡ଼ର ରୁଲ କାର୍ଯ୍ୟକାରୀ ହେଉଛି କି; ଯଦି ଉତ୍ତର ନା ହୁଏ ତେବେ ତାହାର କାରଣ କଣ ଦର୍ଶାଇ ଏହା କେବେ ସୁଦ୍ଧା କାର୍ଯ୍ୟକାରୀ କରାଯିବ ?

----

## ରାଜସ୍ୱ ଆୟ ସମ୍ପର୍କରେ

6130 **ଶ୍ରୀ ବିଭୁତି ଭୁଷଣ ବଳବନ୍ତରାୟ (ଜଟଣୀ):**

**ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ବିଗତ ତିନି ବର୍ଷରେ ଚନ୍ଦକା ଅଭୟାରଣ୍ୟକୁ କେତେଜଣ ପର୍ଯ୍ୟଟନ ପରିଭ୍ରମଣ କରିଛନ୍ତି ସେ ବାବଦରେ କେତେ ରାଜସ୍ୱ ଆଦାୟ ହୋଇଛି ପର୍ଯ୍ୟଟନ ମାନଙ୍କୁ ଆକୃଷ୍ଟ କରିବାକୁ କି ପଦକ୍ଷେପ ଗ୍ରହଣ କରାଯାଉଛି ?

----

## ପଦୋନ୍ନତି ସମ୍ପର୍କରେ

6131 **ଶ୍ରୀ ବିଭୁତି ଭୁଷଣ ବଳବନ୍ତରାୟ (ଜଟଣୀ):**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- DRS ରୁ ପଦୋନ୍ନତି ପାଇଁ OAS ମାନେ ବ୍ଲକରେ BDO ହୋଇଥିବାବେଳେ ବ୍ଲକରେ କାର୍ଯ୍ୟରତ ଅତିରିକ୍ତ ବି.ଡି.ଓ. ମାନଙ୍କୁ ପଦୋନ୍ନତି ପ୍ରଦାନ କରି BDO ନିୟୋଜନ ନକରିବାର କାରଣ କଣ ପ୍ରକାଶ କରି ଅତିରିକ୍ତ BDO ପଦୋନ୍ନତି ନେବାକୁ ବ୍ୟବସ୍ଥା କରିବେ କି ଏବଂ, 2023 ମାର୍ଚ୍ଚ ମାସରେ ପ୍ରକାଶିତ ପଞ୍ଚାୟତିରାଜ କ୍ୟାଡର ରୁଲ ପାଇଁ ପଞ୍ଚାୟତିରାଜ ଅଧିକାରୀ ପଦବୀ ପୂରଣ ହୋଇ ପାରୁନଥିବାରୁ ଏହାର ସଂଶୋଧନ ପୁର୍ବକ ପଦୋନ୍ନତି ଓ ତ୍ୱରାନ୍ୱିତ ପାଇଁ ସରକାର ପଦକ୍ଷେପ ଗ୍ରହଣ କରିବେ କି ?

----

## ଉଚ୍ଚଶିକ୍ଷା ପାଇଁ ପ୍ରୋତ୍ସାହନ

6132 **ଶ୍ରୀ ବିଭୁତି ଭୁଷଣ ବଳବନ୍ତରାୟ (ଜଟଣୀ):**

**ଶ୍ରମ ଓ କର୍ମଚାରୀଙ୍କ ରାଜ୍ୟ ବୀମା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଶ୍ରମିକ ପରିବାରର ପିଲାଙ୍କ ଉଚ୍ଚଶିକ୍ଷା ପାଇଁ ସେମାନଙ୍କୁ କେତେ ପରିମାଣର ପ୍ରୋତ୍ସାହନ ଯୋଗାଇ ଦିଆଯାଉଛି ପ୍ରକାଶ କରିବା ସହ ସେମାନଙ୍କ ପିଲାମାନଙ୍କୁ ବୈଷୟୀକ, ଡାକ୍ତରୀ ଓ ଉଚ୍ଚଶିକ୍ଷା ପାଇଁ ପ୍ରୋତ୍ସାହିତ କରିବାକୁ କି ପଦକ୍ଷେପ ଗ୍ରହଣ କରାଯାଉଛି ?

----

## E.S.I ଅର୍ଥ ଜମା କରିଥିବା Company

6133 **ଶ୍ରୀ ସନାତନ ମହାକୁଡ (ଚମ୍ପୁଆ):**

**ଶ୍ରମ ଓ କର୍ମଚାରୀଙ୍କ ରାଜ୍ୟ ବୀମା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- କେନ୍ଦୁଝର ଜିଲ୍ଲାରେ ବିଗତ 5 ବର୍ଷ ମଧ୍ୟରେ କେଉଁ କେଉଁ Company E.S.I ଅର୍ଥ ଜମା କରିଛନ୍ତି ଏବଂ କେଉଁ କେଉଁ Company ଗୁଡିକ E.S.I ଜମା କରିନାହାନ୍ତି ଓ ସହି ଜମା କରିନଥିବା ବକେୟା ଅର୍ଥ ଆଦାୟ ପାଇଁ କଣ ପଦକ୍ଷେପ ନେଇଛନ୍ତି ?

----

## PMAY ଘର ସଂଖ୍ୟା

6134 **ଶ୍ରୀ ସନାତନ ମହାକୁଡ (ଚମ୍ପୁଆ):**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିః- କେନ୍ଦୁଝର ଜିଲ୍ଲାରେ 2024-25, 2025-2026 ରେ କେତେ (PMAY) ଘର ଆସିଅଛି ଏବଂ ସେଥି ମଧ୍ୟରୁ ଆଉ କେତେ ହିତାଧିକାରୀ ଉକ୍ତ ଘର ପାଇବାରୁ ବଞ୍ଚିତ ହେଉଅଛନ୍ତି ?

----

## ଆସିଥିବା ଅର୍ଥର ପରିମାଣ

6135 **ଶ୍ରୀ ସନାତନ ମହାକୁଡ (ଚମ୍ପୁଆ)ః**

**ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିః- କେନ୍ଦୁଝର ଜିଲ୍ଲାରେ ବିଗତ ପାଞ୍ଚବର୍ଷ ମଧ୍ୟରେ ବୃକ୍ଷ ରୋପଣ ଓ ରକ୍ଷଣା ବେକ୍ଷଣ ନିମନ୍ତେ କେତେ ଅର୍ଥ ଆସିଅଛି ଏବଂ ସେଥିରୁ କେତେ ଅର୍ଥ ବିନିଯୋଗ କରାଯାଇ ଅଛି ?

----

## Master Plan ରେ Sewerage ବ୍ୟବସ୍ଥା ପ୍ରଚଳନ

6136 **ଶ୍ରୀ ସନାତନ ମହାକୁଡ (ଚମ୍ପୁଆ)ః**

**ଗୃହ ନିର୍ମାଣ ଓ ନଗର ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିః- କେନ୍ଦୁଝର ଜିଲ୍ଲାରୁ ଯୋଡା ପୌରାଞ୍ଚଳ ବଡବିଲ ପୌରାଞ୍ଚଳ, କେନ୍ଦୁଝର ପୌରାଞ୍ଚଳରେ Master Plan Sewerage ବ୍ୟବସ୍ଥା ପ୍ରଚଳନ ପାଇଁ କି ପଦକ୍ଷେପ ନେଇଛନ୍ତି ?

----

## Conversion of Public Land

6137 **ଶ୍ରୀ ଦାଶରଥି ଗମାଙ୍ଗ (ମୋହନା)ః**

**ଗୃହ ନିର୍ମାଣ ଓ ନଗର ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିః- How many public utility areas in the B.D.A. area have been converted to commercial use during last 3 years, details thereof, total area of public utility land converted for non-public purpose and whether the Government plans to restore parks and public spaces, converted for others hygenic use and what steps are being taken to prevent further conversion of public spaces meant for community use ?

----

## କର୍ମଚାରୀ ପଦବୀ ପୂରଣ

6138 **ଶ୍ରୀ ଦାଶରଥି ଗମାଙ୍ଗ (ମୋହନା)ః**

**ଶ୍ରମ ଓ କର୍ମଚାରୀଙ୍କ ରାଜ୍ୟ ବୀମା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିః- ଗଜପତି ଜିଲ୍ଲାରେ ଜିଲ୍ଲା ଶ୍ରମ ଅଧିକାରୀ କିମ୍ବା କାର୍ଯ୍ୟାଳୟରେ ଆବଶ୍ୟକୀୟ ମୂତାବକ ପଦବୀ ଖାଲିଅଛି କି, ଉତ୍ତର ହଁ ହେଲେ, ଜିଲ୍ଲାରେ ଶ୍ରମିକ ଓ କର୍ମଚାରୀଙ୍କ ଉନ୍ନତିକରଣ ଜନିତ କେବେ ସୁଦ୍ଧା ଉ଼ୁପରୋକ୍ତ ପଦ ପଦବୀ ପୂରଣ କରିବେ, ଗଜପତି ଜିଲ୍ଲାରେ ବାଳ ଶ୍ରମିକ ସମ୍ପୂର୍ଣ୍ଣ ବନ୍ଦ କରିବା ନିମନ୍ତେ ବିଭାଗ ତରଫରୁ କି କି ଦୃଷ୍ଟାନ୍ତମୂଳକ ପଦକ୍ଷେପ ଏଯାବତ୍ ଗ୍ରହଣ କରିଛନ୍ତି ?

----

## NAC ଗଠନ

6139 **ଶ୍ରୀ ଦାଶରଥି ଗମାଙ୍ଗ (ମୋହନା):**

**ଗୃହ ନିର୍ମାଣ ଓ ନଗର ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ ନୂତନ NAC ଗଠନରେ ମୋହନା ନିର୍ବାଚନ ମଣ୍ଡଳୀଟିକୁ NAC ମାନ୍ୟତା ପ୍ରଦାନ କରାଯାଇଛି କି, ଉତ୍ତର ହଁ ହେଲେ, ଏହା ସରକାରଙ୍କ ଏକ ବଡ଼ ସ୍ୱାଗତ ଯୋଗ୍ୟ ପଦକ୍ଷେପ ଅଟେ, ତେଣୁ, ଏହାକୁ ପୂର୍ଣ୍ଣମାତ୍ରାରେ କାର୍ଯ୍ୟକାରୀ କରିବା ନିମନ୍ତେ ବର୍ତ୍ତମାନ ବଜେଟ ଅଧିବେଶନରେ ବ୍ୟୟ ଅଟକଳ କରାଯାଇ ସମ୍ପୂର୍ଣ୍ଣ କାର୍ଯ୍ୟକାରୀ କେବେ ସୁଦ୍ଧା କରାଇବେ ?

----

## ଗ୍ରାମ ସଡ଼କ ଯୋଜନା

6140 **ଶ୍ରୀ ଦାଶରଥି ଗମାଙ୍ଗ (ମୋହନା):**

**ଗ୍ରାମ୍ୟ ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜନା କେବେ ଠାରୁ ଆରମ୍ଭ ହେବ ଏବଂ ଏହି ଯୋଜନାରେ ଗଜପତି ଜିଲ୍ଲାରେ କେଉଁ କେଉଁ ବ୍ଲକର କେଉଁ କେଉଁ ଗ୍ରାମ ଗୁଡିକୁ ଅନ୍ତର୍ଭୁକ୍ତ କରାଯାଇଛି ?

----

## Upgradation Of The Drainage System In Paralakhemundi

6141 **ଶ୍ରୀ ରୁପେଶ କୁମାର ପାଣୀଗ୍ରାହୀ (ପାରଳାଖେମୁଣ୍ଡି):**

**ଗୃହ ନିର୍ମାଣ ଓ ନଗର ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- What Steps Have Been Taken For The Development And Upgradation Of The Drainage System In Paralakhemundi Municipality, will the Govt. inform what Measures Have Been Implemented For Water Drainage In The City, if No Such Measures Have Been Taken, Then Whether The Government Will Take Steps For The Development And Upgradation Of The Drainage System In Paralakhemundi Municipality ?

----

## Basudha Drinking Water Supply Project In Mountainous Areas

6142 **ଶ୍ରୀ ରୁପେଶ କୁମାର ପାଣୀଗ୍ରାହୀ (ପାରଳାଖେମୁଣ୍ଡି):**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (a) As No Work Has So Far Been Carried Out Under The Basudha Drinking Water Supply Project In Mountainous Areas, What Steps Are Being Planned To Ensure Its Successful Implementation In These Regions, (b) Provide Details On How The Project Will Be Implemented Effectively In The Mountainous Areas Of The State, When Will Potable Water Supply Be Ensured In Each Block Under The Basudha

Project and By What Timeline Mineral Water Supply Will Also Be Ensured In Each Block ?

----

**Funds spent on the creation of new forests**

6143 **ଶ୍ରୀ ରୁପେଶ କୁମାର ପାଣୀଗ୍ରାହୀ (ପାରଳାଖେମୁଣ୍ଡି):**

**ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (a) What types of forests are present in the State and to what extent/area as of the year 2025, how much funds the Government has spent on the creation of new forests, how much revenue the Government has received from degraded forests, details of degraded forests in Gajapati district, steps taken for new forest development in the State and details of the funds allocated for new forest development ?

----

**Number of Roads Tendered Under PMGSY Scheme**

6144 **ଶ୍ରୀ ରୁପେଶ କୁମାର ପାଣୀଗ୍ରାହୀ (ପାରଳାଖେମୁଣ୍ଡି):**

**ଗ୍ରାମ୍ୟ ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (a) How Many Roads Have Been Tendered For Construction In The State Under The PMGSY Scheme Since 2014, (b) How Many Of These Roads Have Been Completed, how Many Roads Are Yet To Be Completed Under The PMGSY Scheme, Will the govt. Provide RW Division-Wise Details Of The Tendered, Completed And Pending Roads ?

----

**ମାତ୍ରାଧିକ କାର୍ବନ ନିର୍ଗମନ ପାଇଁ ଦାୟୀ ସଂସ୍ଥା**

6145 **ଶ୍ରୀ ପଦ୍ମଲୋଚନ ପଣ୍ଡା (ସିମୁଳିଆ):**

**ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ ମାତ୍ରାଧିକ ପରିବେଶ ପ୍ରଦୂଷଣ ତଥା ତଦଜନିତ ଜଳବାୟୁ ପରିବର୍ତ୍ତନର ମୁଖ୍ୟ କାରଣ ମାତ୍ରାଧିକ କାର୍ବନ ନିର୍ଗମନ କି, ଏଥିପାଇଁ କେଉଁ କେଉଁ ସଂସ୍ଥା ଦାୟୀ ଅଟନ୍ତି ; କେତେ ଜଣଙ୍କୁ ମାତ୍ରାଧିକ କାର୍ବନ ନିର୍ଗମନ ପାଇଁ ନୋଟିସ କରାଯାଇଛି; ରାଜ୍ୟ ସରକାର ଏପରି କାର୍ବନ ନିର୍ଗମନକୁ ନିୟନ୍ତ୍ରଣ/ ହ୍ରାସ କରିବା ପାଇଁ କି କି ପଦକ୍ଷେପ ନେଇଛନ୍ତି ତାହା କେତେଦୂର ସଫଳ ହୋଇଛି ?

----

**ବନ୍ୟଜନ୍ତୁଙ୍କ ମୃତ୍ୟୁ ସଂଖ୍ୟା**

6146 **ଶ୍ରୀ ପଦ୍ମଲୋଚନ ପଣ୍ଡା (ସିମୁଳିଆ):**

**ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ଗତ ୩ ବର୍ଷରେ ରାଜ୍ୟରେ କେତେ ହାତୀ, ବାଘ ଓ ଅନ୍ୟାନ୍ୟ ବନ୍ୟଜନ୍ତୁଙ୍କ ମୃତ୍ୟୁ ହୋଇଛି ଓ ସେଥିରୁ ଶିକାର ଜନିତ ମୃତ୍ୟୁ ସଂଖ୍ୟା କେତେ; ଏହି ସମୟ ମଧ୍ୟରେ ହାତୀ ଓ ଅନ୍ୟାନ୍ୟ ବନ୍ୟଜନ୍ତୁଙ୍କ ଆକ୍ରମଣରେ କେତେ ଲୋକ ମୃତାହତ ହୋଇଛନ୍ତି ଜିଲ୍ଲାୱାରୀ ତଥ୍ୟ ଦେବା ସହ ବନ୍ୟଜନ୍ତୁ ଶିକାର ଅଭିଯୋଗରେ କେଉଁ ଜିଲ୍ଲାର କେତେ ଜଣ ଗିରଫ ହୋଇଛନ୍ତି ?

----

## ସିମୁଳିଆରେ ନୂତନ ରାସ୍ତା ନିର୍ମାଣ

6147 **ଶ୍ରୀ ପଦ୍ମଲୋଚନ ପଣ୍ଡା (ସିମୁଳିଆ):**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ୨୦୨୩-୨୪ ଆର୍ଥିକ ବର୍ଷ ଠାରୁ ୨୦୨୫-୨୬ ଆର୍ଥିକ ବର୍ଷ ଶେଷ ସୁଦ୍ଧା ବିଭାଗ ତରଫରୁ ସିମୁଳିଆ ନିର୍ବାଚନମଣ୍ଡଳୀରେ କେଉଁ ବ୍ଲକ୍ ରେ କେତେ କିମି ନୂତନ ରାସ୍ତା ନିର୍ମାଣ ହୋଇଛି ଓ ସେଥିପାଇଁ କେତେ ଟଙ୍କା ଖର୍ଚ୍ଚ ହୋଇଛି, ଉକ୍ତ ଅବଧି ଭିତରେ କେତେ କି.ମି. ପୁରୁଣା ରାସ୍ତା ମରାମତି ହୋଇଛି ଓ କେତେ ଖର୍ଚ୍ଚ ହୋଇଛି, ନିମ୍ନମାନର କାମ ଯୋଗୁଁ ରାସ୍ତା ଗୁଡିକ ୬ ମାସ ମଧ୍ୟରେ ଦୟନୀୟ ଅବସ୍ଥାକୁ ଆସୁଥିବା ସରକାରଙ୍କ ନଜରକୁ ଆସିଛି କି ?

----

## ବାଲେଶ୍ୱର ଜିଲ୍ଲାରେ ନୂତନ ରାସ୍ତା ନିର୍ମାଣ

6148 **ଶ୍ରୀ ପଦ୍ମଲୋଚନ ପଣ୍ଡା (ସିମୁଳିଆ):**

**ଗ୍ରାମ୍ୟ ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ୨୦୨୩-୨୪ ଆର୍ଥିକ ବର୍ଷ ଠାରୁ ୨୦୨୫-୨୬ ଆର୍ଥିକ ବର୍ଷ ଶେଷ ସୁଦ୍ଧା ବିଭାଗ ତରଫରୁ ବାଲେଶ୍ୱର ଜିଲ୍ଲାରେ କେଉଁ ବ୍ଲକ୍ ରେ କେତେ କିମି ନୂତନ ରାସ୍ତା ନିର୍ମାଣ ହୋଇଛି ଓ ସେଥିପାଇଁ କେତେ ଟଙ୍କା ଖର୍ଚ୍ଚ ହୋଇଛି, ଉକ୍ତ ଅବଧି ଭିତରେ କେତେ କି.ମି. ପୁରୁଣା ରାସ୍ତା ମରାମତି ହୋଇଛି ଓ କେତେ ଖର୍ଚ୍ଚ ହୋଇଛି, ନିମ୍ନମାନର କାମ ଯୋଗୁଁ ରାସ୍ତା ଗୁଡିକ ୬ ମାସ ମଧ୍ୟରେ ଦୟନୀୟ ଅବସ୍ଥାକୁ ଆସୁଥିବା ସରକାରଙ୍କ ନଜରକୁ ଆସିଛି କି ?

----

## ନୂତନ NAC ଗଠନ

6149 **ଶ୍ରୀ ପବିତ୍ର ସାଉଁନ୍ତା (ଲକ୍ଷ୍ମୀପୁର):**

**ଗୃହ ନିର୍ମାଣ ଓ ନଗର ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ରାଜ୍ୟରେ ମହାନଗର ନିଗମ Municipality ଓ NAC ନୂତନ ଭାବେ ଗଠନ କରିବା ପାଇଁ Criteria Guideline କଣ କଣ ଅଛି ?

----

## ଅଧିକ ପାରିଶ୍ରମିକ ପ୍ରଦାନ

6150 **ଶ୍ରୀ ପବିତ୍ର ସାଉଁନ୍ତା (ଲକ୍ଷ୍ମୀପୁର):**

**ଶ୍ରମ ଓ କର୍ମଚାରୀଙ୍କ ରାଜ୍ୟ ବୀମା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- Contract Labour ( R & A) Act 1970 ଅନୁଯାୟୀ ଜିଲ୍ଲା ମାନଙ୍କରେ 50 ଜଣଙ୍କୁ ଉର୍ଦ୍ଧ୍ୱ କର୍ମଚାରୀଙ୍କ ପାଇଁ Labour License ଜରୁରୀ ଅଟେ କି, ଯଦି ହଁ, ତେବେ Amn Green Service (1081 Ambulance ବୁଝୁଥିବା କମ୍ପାନି ଆମ୍ବୁଲାନ୍ସ ସେବାରେ ବିଶେଷ ଜିଲ୍ଲାମାନଙ୍କରେ 50 ରୁ ଉର୍ଦ୍ଧ୍ୱ କର୍ମଚାରୀ ନିୟୋଜିତ କରିଥିଲେ ମଧ୍ୟ License ନେଇ ନଥିବା ସତ୍ୟ କି, ଯଦି ହଁ ତାହା ହେଲେ ଉକ୍ତ କମ୍ପାନି ଶ୍ରମିକ ଶୋଷଣ କରୁଥିବାରୁ ସରକାର କଣ କାର୍ଯ୍ୟାନୁଷ୍ଠାନ ନେଉଛନ୍ତି, Minimum wages Act 1948 ଅନୁଯାୟୀ ଗୋଟିଏ ସିଫ୍ଟ 8 ଘଣ୍ଟା ଡ୍ୟୁଟି ଓ ସପ୍ତାହକୁ 48 ଘଣ୍ଟା ର ଦରମା ଦେଇ EMRI Green Health Service କମ୍ପାନି 12 ଘଣ୍ଟା ଡ୍ୟୁଟି କରି Over Payment ରେ ଖଟାଇବାର କାରଣ କଣ ?

----

## ସ୍ଥାୟୀ ନିଯୁକ୍ତି

6151 **ଶ୍ରୀ ପବିତ୍ର ସାଉଁନ୍ତା (ଲକ୍ଷ୍ମୀପୁର):**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ରାଜ୍ୟରେ ସମସ୍ତ 314 ଗୋଟି ବ୍ଲକରେ କାର୍ଯ୍ୟରତ ଥିବା Additional Programme Officer ଅତିରିକ୍ତ କର୍ମଚାରୀ ଅଧିକାରୀମାନେ ମନରେଗା ଯୋଜନାରେ ବହୁବର୍ଷ ଧରି କାର୍ଯ୍ୟକରି ଆସୁଥିଲେ ମଧ୍ୟ ସେମାନଙ୍କର ନିକଟରେ ବହୁ ଅଭିଜ୍ଞତା, Technical knowledge ଓ କାର୍ଯ୍ୟ ଦକ୍ଷତା ଥିବା ସତ୍ତ୍ୱେ ସରକାର ସେମାନଙ୍କ ସ୍ଥାୟୀ ନିଯୁକ୍ତି ନ ଦେବାର କାରଣ କଣ ?

----

## କର୍ମଚାରୀଙ୍କ ସମ୍ପର୍କୀୟ Out Sourcing Agency ମାଧ୍ୟମରେ ନିଯୁକ୍ତ

6152 **ଶ୍ରୀ ମଙ୍ଗୁ ଖିଲ (ଚିତ୍ରକୋଣ୍ଡା):**

**ସରକାରୀ ଉଦ୍ୟୋଗ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ପରିବହନ ବିଭାଗ ଓ ନିଗମ (OSRTC)ର କାର୍ଯ୍ୟରତ ଅଧିକାରୀ/କର୍ମଚାରୀମାନଙ୍କ ପରିବାର ସଦସ୍ୟ ଠିକା ସଂସ୍ଥା (out sourcing agency) ମାଧ୍ୟମରେ ନିଗମରେ କାର୍ଯ୍ୟରତ ଅଭିଯୋଗ ସତ କି, Interview/ଚୟନ ସମୟରେ ସେମାନଙ୍କ ଠାରୁ 'No Relationship Certificate' ମାଗାଯାଇଥିଲା କି, ସତ୍ୟତା ପରୀକ୍ଷା ଓ ନିରୀକ୍ଷା କରାଯାଇଥିଲା କି, ବିଭାଗ ଓ ନିଗମରେ କାର୍ଯ୍ୟରତ କେଉଁ କର୍ମଚାରୀଙ୍କ ସମ୍ପର୍କୀୟ Out Sourcing Agency ମାଧ୍ୟମରେ କେଉଁ ପଦବୀ ଓ ସ୍ଥାନରେ ନିଯୁକ୍ତ ଅଛନ୍ତି, ନାମ ଓ ପୋଷ୍ଟ, କାର୍ଯ୍ୟ ସ୍ଥାନ ପ୍ରକାଶ କରିବେ କି ?

----

## JE, AE, AEEଙ୍କ ପୋଷ୍ଟିଂ

6153 **ଶ୍ରୀ ମଙ୍ଗୁ ଖିଲ (ଚିତ୍ରକୋଣ୍ଡା):**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ଗୋଟିଏ ଜିଲ୍ଲାରେ ଜଣେ JE, AE, AEE ସର୍ବାଧିକ କେତେ ବର୍ଷ ରହିପାରିବେ, ଅବିଭକ୍ତ କୋରାପୁଟ ଜିଲ୍ଲାରେ କାର୍ଯ୍ୟରତ JE, AE, AEEଙ୍କ ଗତ 15 ବର୍ଷର ପୋଷ୍ଟିଂକୁ ଅନୁଧ୍ୟାନ କରିବା ପାଇଁ କିଛି ନିଜସ୍ୱ ସଫ୍ଟୱେର୍ ରହିଛି କି, ଯଦି ଉତ୍ତର 'ନା', ତେବେ କେଉଁ ଉପାୟରେ ସର୍ବାଧିକ କାର୍ଯ୍ୟକାଳ ପ୍ରତି ନଜର ରଖି ସମୟୋଚିତ ବଦଳି ପାଇଁ ନିର୍ଦ୍ଦେଶ ଜାରି କରାଯାଏ, କେଉଁ ଉପାୟରେ GP କ୍ଷେତ୍ରରେ ହେଉଥିବା ଉନ୍ନୟନମୂଳକ କାର୍ଯ୍ୟର ଗୁଣବତ୍ତା, ପରିସଂଖ୍ୟାନ, ସ୍ଥାୟୀତ୍ୱ ସୁନିଶ୍ଚିତ କରାଯାଏ ?

----

## ଛାତ୍ର ନିବାସ ବା କର୍ମଜୀବୀ ନିବାସ ନିର୍ମାଣ

6154 **ଶ୍ରୀ ମଙ୍ଗୁ ଖିଲ (ଚିତ୍ରକୋଣ୍ଡା)ଃ**

**ଗୃହ ନିର୍ମାଣ ଓ ନଗର ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ରାଜ୍ୟ ରାଜଧାନୀକୁ ଉଚ୍ଚ ଶିକ୍ଷା, ରୋଜଗାର ଅନ୍ୱେଷଣରେ ବିଭିନ୍ନ ଜିଲ୍ଲାରୁ ଛାତ୍ର-ଛାତ୍ରୀ, ଯୁବକ-ଯୁବତୀମାନେ ରହିବା ପାଇଁ ବହୁମୁଖୀ ଅସୁବିଧାର ସମ୍ମୁଖୀନ ହେବା କଥା ସତ କି, ଛାତ୍ର ନିବାସ, କର୍ମଜୀବୀ ମହିଳା ନିବାସ, କର୍ମଜୀବୀ ନିବାସ ଉଦ୍ଦେଶ୍ୟରେ ଭୁବନେଶ୍ୱର ନଗର ନିଗମ ପାଖରେ କି ପ୍ରକାର ବିଧି ବ୍ୟବସ୍ଥା ରହିଛି, ସ୍ୱୀକୃତି ପ୍ରାପ୍ତ Hostel/ଭଡା ଘର/Working Men/Women Hostel ପାଇଁ କେଉଁ ଅଧିକାରୀ ଓ କର୍ମଚାରୀ ଦାୟିତ୍ୱରେ ଅଛନ୍ତି; ପ୍ରକାଶ କରିବେ କି, BMC ଓ BMC ଉପକଣ୍ଠରେ (BDA ଅନ୍ତର୍ଗତ ଅଞ୍ଚଳରେ) ଅନେକ ସ୍ଥାନରେ Hostel ନିର୍ମାଣ, Private Hostel ନିୟନ୍ତ୍ରଣ ଦିଗରେ କାର୍ଯ୍ୟ କରିବେ କି ?

----

## ସରକାରୀ ଉଦ୍ୟୋଗ ସଂଖ୍ୟା

6155 **ଶ୍ରୀ ମନୋହର ରନ୍ଧାରି (ଡାବୁଗାଁ)ଃ**

**ସରକାରୀ ଉଦ୍ୟୋଗ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ବର୍ତ୍ତମାନ ରାଜ୍ୟରେ ଥିବା ସରକାରୀ ଉଦ୍ୟୋଗ ଗୁଡିକର ସଂଖ୍ୟା କେତେ, ଉଦ୍ୟୋଗ ଗୁଡିକର ନାମ ସହ ଅବସ୍ଥିତ କେଉଁଠି ଅଛି, ଓ ସେଗୁଡିକର ସୁପରିଚାଳନା ପାଇଁ କେଉଁ ବିଭାଗ ସବୁ ଦାୟିତ୍ୱ ସମ୍ଭାଳିଥାନ୍ତି ସମସ୍ତ ସରକାରୀ ଉଦ୍ୟୋଗ ଗୁଡିକର ଆର୍ଥିକ ଓ ପ୍ରଶାସନିକ ସ୍ଥିତି କର୍ମଚାରୀମାନଙ୍କର ଦକ୍ଷତା ସମ୍ପର୍କରେ ତଥ୍ୟ ପ୍ରଦାନ କରିବେ କି ସେହିପରି ଉଦ୍ୟୋଗ ମାନଙ୍କରେ ମଞ୍ଜୁରପ୍ରାପ୍ତ ପଦପଦବି ସଂଖ୍ୟା କେତେ ଖାଲି ଅଛି କେତେ ଉଦ୍ୟୋଗ ଛାଡିବ ଲାଭ/କ୍ଷତିର ହିସାବ ଦେବେ କି ?

----

## Councillor ଙ୍କ ପାଇଁ ପେନସନ ବ୍ୟବସ୍ଥା

6156 **ଶ୍ରୀ ମନୋହର ରନ୍ଧାରି (ଡାବୁଗାଁ)ଃ**

**ଗୃହ ନିର୍ମାଣ ଓ ନଗର ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ରାଜ୍ୟର ବିଭିନ୍ନ ପୌରାଞ୍ଚଳ ମାନଙ୍କର ୱାର୍ଡ ପୁନର୍ଗଠନ କେବେ ହେବ, ନୂତନ ଘୋଷିତ NAC ଗୁଡିକର ନିର୍ବାଚନ ପ୍ରକ୍ରିୟା କେବେ ଆରମ୍ଭ ହେବ ଓ କେଉଁ ସବୁ ମହାନଗର ନିଗମ ଗୁଡିକରେ ଲୋକ ପ୍ରତିନିଧି ନାହାନ୍ତି ସେଷରେ କେତେ ଗଣତନ୍ତ୍ରିକ ପ୍ରକ୍ରିୟା ଆରମ୍ଭ ହେବ ଜଣାଇବା ସହ ସମସ୍ତ ପୂର୍ବତନ Carporator, Councillor ମାନଙ୍କ ପାଇଁ Pension ସ୍ୱାସ୍ଥ୍ୟ ବୀମା, ମାସିକ ଭତ୍ତା ଯିବା ଆସିବା ପାଇଁ ବସ ଭତ୍ତା 50% କମିବାପାଇଁ ବ୍ୟବସ୍ଥା କରିବେ କି ?

----

## ଭଗବତୀ ପୀଠର ଉନ୍ନତିକରଣ କାର୍ଯ୍ୟରେ ଖର୍ଚ୍ଚ

6157 **ଡ଼ଃ ରମାକାନ୍ତ ଭୋଇ (ତିର୍ତ୍ତୋଲ):**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ତିର୍ତ୍ତୋଲ ନିର୍ବାଚନ ମଣ୍ଡଳୀର ବିରଡି ବ୍ଲକ୍ ଅନ୍ତର୍ଗତ ବାଲିଆ ଗୋପିନାଥପୁର ଭଗବତୀ ପୀଠର (ପଞ୍ଚମୁଖି ହନୁମାନ ମନ୍ଦିର) ର ଉନ୍ନତି କରଣରେ 2010 ଠାରୁ ଆଜି ଯାଏଁ କେତେ ଟଙ୍କା ବ୍ୟୟ କରାଯାଇଛି, ତାହା କେଉଁ ଯୋଜନାରୁ କେତେ ଯଥା M.L.A ଲ୍ୟାଡ M.P. ଲ୍ୟାଡ୍ 13th, 14th, ଓ 15th କେନ୍ଦ୍ରୀୟ ଅର୍ଥ କମିଶନ, MGNREGS, ରାଜ୍ୟ ଯୋଜନା ବୋର୍ଡ ଇତ୍ୟାଦିରୁ କେତେ ଅର୍ଥ କେଉଁ ଜମି ଉପରେ ବ୍ୟୟ କରାଯାଇଅଛି ?

----

## ଶିଶୁ ଉଦ୍ୟାନରେ ଅର୍ଥ ବ୍ୟୟ

6158 **ଡ଼ଃ ରମାକାନ୍ତ ଭୋଇ (ତିର୍ତ୍ତୋଲ):**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ତିର୍ତ୍ତୋଲ ନିର୍ବାଚନ ମଣ୍ଡଳୀର ବିରିଡି ବ୍ଲକ ଅନ୍ତର୍ଗତ ବିରିଡି ପଞ୍ଚାୟତ, ବ୍ଲକ୍ ଅଧିନସ୍ତ ଅଢଙ୍ଗ ମଦୁରାଇ ପଞ୍ଚାୟତର ଅଢଙ୍ଗ ମଦୁରାଇ ଶିଶୁ ଉଦ୍ୟାନରେ କେତେ ଅର୍ଥ ବ୍ୟୟ କରାଯାଇଛି, ତାହା କେଉଁ କେଉଁ ଯୋଜନାରୁ କେତେ ଏବଂ କେଉଁ ଜମି ଉପରେ କରାଯାଇଛି ?

----

## ବୃକ୍ଷରୋପଣ ସମ୍ପର୍କରେ

6159 **ଶ୍ରୀ କୃଷ୍ଣ ଚନ୍ଦ୍ର ନାୟକ (ଛତ୍ରପୁର ):**

**ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- 2018-19 ଠାରୁ 2023-24 ପର୍ଯ୍ୟନ୍ତ ପ୍ରତ୍ୟେକ ବର୍ଷ ଓ ଜଙ୍ଗଲ ବିଭାଗ ଅଧିନରେ ଥିବା ପ୍ରକଳ୍ପ (Project) ଅନୁସାରେ କେତେଟଙ୍କା ବ୍ୟୟ ହୋଇଛି, ଛତ୍ରପୁର ନିର୍ବାଚନ ମଣ୍ଡଳୀରେ ମୋଟ ଆର୍ଥିକ ବ୍ୟୟ କେତେ, ଉକ୍ତ ସମୟ ଅବଧିରେ ରୋପିତ ବୃକ୍ଷ ମାନଙ୍କ ମଧ୍ୟରୁ କେତେ ସଂଖ୍ୟକ ବୃକ୍ଷ ବର୍ତ୍ତମାନ ବଞ୍ଚିରହିଛି, ବର୍ତ୍ତମାନ ବଞ୍ଚିଥିବା ବୃକ୍ଷର ପ୍ରତିଶତ ହୋଇ କେତେ, କେଉଁ କେଉଁ ପ୍ରଜାତିର ବୃକ୍ଷରୋପଣ କରାଯାଇଥିଲା, ବୃକ୍ଷର ସୁରକ୍ଷା ଓ ରକ୍ଷଣାବେକ୍ଷଣ ପାଇଁ ସରକାରଙ୍କ ପକ୍ଷରୁ କେଉଁ ପଦକ୍ଷେପ ଗ୍ରହଣ କରାଯାଇଛି ?

----

## ସ୍ଥାନୀୟ ବିକାଶ

6160 **ଶ୍ରୀ କୃଷ୍ଣ ଚନ୍ଦ୍ର ନାୟକ (ଛତ୍ରପୁର ):**

**ଶ୍ରମ ଓ କର୍ମଚାରୀଙ୍କ ରାଜ୍ୟ ବୀମା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଓଡିଶାର ପ୍ରବାସୀ ଶ୍ରମିକ ବିଶେଷ କରି ଗଞ୍ଜାମ ଜିଲ୍ଲାର, ଅନ୍ୟ ରାଜ୍ୟରର ବିକାଶର ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଛନ୍ତି, ଗଞ୍ଜାମ ଓ ଗୋପାଳପୁର ଶିଳ୍ପ ପାର୍କ ଏବଂ ଅନ୍ୟାନ୍ୟ କ୍ଷେତ୍ରରେ ବିପୁଳ ନିବେଶର ସାକ୍ଷୀ ହେଉଛି, ଯାହା ସ୍ଥାନୀୟ ଅଭିବୃଦ୍ଧି ବୃଦ୍ଧି ପାଉଛି, ମିଶନ ଓଡିଶା 2036 ସହିତ ସମନ୍ୱୟ ରଖି ଆମ ପ୍ରବାସୀ ଶ୍ରମିକ ମାନଙ୍କୁ ଗଞ୍ଜାମ ଭଳି ଜିଲ୍ଲାକୁ ଫେରିବା ଓ ଓଡିଶାର ସାମଗ୍ରିକ ବିକାଶର ଯୋଗଦାନ ପାଇଁ ପ୍ରୋତ୍ସାହିତ ଓ ବିକଶିତ ହେଉଥିବା ଯେକୌଣସି ନୀତିର ବିବରଣୀ ସେୟାର କରିବାକୁ ସରକାର ପଦକ୍ଷେପ ଗ୍ରହଣ କରିବେ କି ?

----

## ସ୍ୱେରେଜ ବ୍ୟବସ୍ଥା

6161 **ଶ୍ରୀ ମନୋରଞ୍ଜନ ଦ୍ୟାନ ସାମନ୍ତରା (ଚିକିଟି):**

**ଗୃହ ନିର୍ମାଣ ଓ ନଗର ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଭୁବନେଶ୍ୱରର ଡୁମୁଡୁମା ହାଉସିଂ ବୋର୍ଡ କଲୋନୀ ଗୁଡିକର ପରିତ୍ୟକ୍ତ ଜଳ ନିସ୍କାସନ ନିମନ୍ତେ ସରକାର ସ୍ୱେରେଜ କାର୍ଯ୍ୟ 2011 ମସିହାଠାରୁ ସମାପ୍ତ କରିସାରିଥିବା ସ୍ଥଳେ ତାହା କାର୍ଯ୍ୟକାରୀ ହେଉନଥିବାରୁ ଜନ ସାଧାରଣ ଭୋଗୁଥିବା ଅସୁବିଧା ଦୂରକରିବା ପାଇଁ ସେ ଗୁଡିକୁ କାର୍ଯ୍ୟକ୍ଷମ କରିବା ସକାଶେ ସରକାର ବିଭିନ୍ନ ସମୟରେ ପ୍ରତିଶୃତି ପ୍ରଦାନ କରିଥିଲେ ସୁଦ୍ଧା ତାହା କାର୍ଯ୍ୟକାରୀ ନ ହେବାର କାରଣ କଣ, ଅଣତାରକା ପ୍ରଶ୍ନ ସଙ୍ଖ୍ୟା-2341 ତା.28-03-2023 ଓ ପ୍ରଶ୍ନ ସଂଖ୍ୟା- 3055 ତା.10-12-2024 ରିଖରେ ସରକାର ଗୃହରେ ଦେଇଥିବା ପ୍ରତିଶ୍ରୁତି ଅନୁଯାୟୀ 4th Phase & 5th Phase ହାଉସିଙ୍ଗ ବୋର୍ଡ କଲୋନୀ ବାସିନ୍ଦା ମାନଙ୍କ ବାସଗୃହ ଗୁଡିକର ପରିତ୍ୟକ୍ତ ଜଳ ନିଷ୍କାସନ ନିମନ୍ତେ ଉକ୍ତ ଅଞ୍ଚଳରେ ସ୍ୱେରେଜ ଲାଇନ କାର୍ଯ୍ୟକାରୀ କରିବାର ବ୍ୟବସ୍ଥା କରିବେ କି ?

----

## ରାସ୍ତା ସଂଯୋଗୀକରଣ

6162 **ଶ୍ରୀ ମନୋରଞ୍ଜନ ଦ୍ୟାନ ସାମନ୍ତରା (ଚିକିଟି):**

**ଗୃହ ନିର୍ମାଣ ଓ ନଗର ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଅଣତାରକା ପ୍ରଶ୍ନ ସଙ୍ଖ୍ୟା-2903,ତା- 25-07-2022 ରିଖ, U.D. No.- 2611, ତା-07-12-2024, U.D No.-4856, ତା-25-03-2025 ଏବଂ SAQ No. 662 ତା- 29-3-2025 ଉତ୍ତର ଅନୁବୃତ୍ତି କ୍ରମେ ଭୁବନେଶ୍ୱର ସହର ମଧ୍ୟକୁ ଦୈନନ୍ଦିନ ଗମନା-ଗମନ କ୍ଷେତ୍ରରେ N.H. 16 ସର୍ଭିସ ରୋଡ ଦେଇ ଯାତାୟତ କରିବା କିମ୍ବା I.T.E.R ରାସ୍ତାରେ ନାହିଁ ନଥିବା ଭିଡ ଭେଦ କରି ଖଣ୍ଡଗିରି-ପୋଖରୀପୁଟ-ଜାଗମରା ରାସ୍ତାରେ ପହଞ୍ଚି ଭୁବନେଶ୍ୱର ସହରକୁ ପ୍ରବେଶ କରିବା ଡୁମୁଡୁମା ଅଞ୍ଚଳବାସୀ ଅକଥନୀୟ ଅସୁବିଧା ଭୋଗ କରୁଥିବା ଦୃଷ୍ଟିରୁ, ସରକାର B.D.A ର Town Planning ମାଧ୍ୟମରେ ଏକ 100 ଫୁଟିଆ ରାସ୍ତା ନିର୍ମାଣ କରିବାପାଇଁ ହାଉସିଂ ପ୍ଲାନରେ ଯେଉଁ ବ୍ୟବସ୍ଥା ରଖିଥିଲେ, ଲୋକଙ୍କ ଗମନା-ଗମନ ଅସୁବିଧା ଦୂର କରିବା ପାଇଁ N.H.-16 ଜାତୀୟ ରାଜପଥ- Cosmopolis - ଡୁମୁଡୁମା ଫେଜ୍-4 ହାଉସିଂ ବୋର୍ଡ କଲୋନୀ ଦେଇ ଯାଇଥିବା ଦୋହରା ରାସ୍ତାକୁ ସମ୍ପ୍ରସାରଣ କରି ପୋଖରୀପୁଟ୍-ଜାଗମରା-ଖଣ୍ଡଗିରି ରାସ୍ତା ସହ ସଂଯୋଗ କରିବାର ବ୍ୟବସ୍ଥା ସରକାର କରିବେ କି ?

----

## ଉଦ୍ୟୋଗର ପୁନଃରୁଦ୍ଧାର

6163 **ଶ୍ରୀ ଚକ୍ରମଣି କହଁର (ବାଲିଗୁଡା):**

**ସରକାରୀ ଉଦ୍ୟୋଗ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଯେଉଁସବୁ ଉଦ୍ୟୋଗ ଗୁଡିକ କ୍ରମାଗତ କ୍ଷତିରେ ଚାଲୁଛି ସେଗୁଡିକର ପ୍ରଗତି ପାଇଁ ସରକାର କି କି ପଦକ୍ଷେପ ନେଇଛନ୍ତି ?

----

## ବସ୍ତି ବାସିନ୍ଦାଙ୍କୁ ଘର ଯୋଗାଣ

6164 **ଶ୍ରୀ ଚକ୍ରମଣି କହଁର (ବାଲିଗୁଡା):**

**ଗୃହ ନିର୍ମାଣ ଓ ନଗର ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ପ୍ରଧାନମନ୍ତ୍ରୀ ଆବାସ ଯୋଜନା ସହରାଞ୍ଚଳରେ ଗତ 20 ମାସ ମଧ୍ୟରେ କେତେ ଘର ନିର୍ମାଣ ପାଇଁ ଅର୍ଥ ଆସିଥିଲା ଓ କେତେଜଣ ରାଜ୍ୟର କେଉଁ କେଉଁ ସହରରେ ବସ୍ତି ବାସିନ୍ଦାଙ୍କୁ ଘର ଯୋଗାଇଦିଆଯାଇଛି ଓ ସେହି ଅନୁସାରେ କେତେ ବସ୍ତି ଖାଲି ହୋଇଛି ଜଣାଇବା ସହ ବହୁ କ୍ଷେତ୍ରରେ ବସ୍ତି ଅଞ୍ଚଳରୁ ଲୋକମାନେ ପଳାଇଲେ ମଧ୍ୟ ପୁନର୍ବାର ବହୁ ଲୋକ ବସ୍ତିରେ ରହୁଥିଲେ ସରକାର ଏଥିପାଇଁ ଦୃଷ୍ଟି ଦେବେ କି ?

----

## ବର୍ଦ୍ଧିତ ଦରମା ପ୍ରଦାନ

6165 **ଶ୍ରୀ ଅନନ୍ତ ନାରାୟଣ ଜେନା (ଭୁବନେଶ୍ୱର-ମଧ୍ୟ):**

**ଗୃହ ନିର୍ମାଣ ଓ ନଗର ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- UDAQ No.1091, dt.02.12.2025 ଉତ୍ତର ପରିପ୍ରେକ୍ଷୀରେ BMC ଭୁବନେଶ୍ୱରରେ ଆଉଟସୋର୍ସିଂ ଜରିଆରେ କାର୍ଯ୍ୟରତ ଦୁଇଜଣ MTA ଙ୍କ ଦରମା ତା.01.02.2024 ପୂର୍ବରୁ ପନ୍ଦର ହଜାର ଥିବା ହେତୁ ଏବଂ ତାହା ସରକାରଙ୍କ ଦ୍ୱାରା ସ୍ଥିରୀକୃତ ଠିକ୍ slab ହିସାବ/ ଅନ୍ତର୍ଭୁକ୍ତ ନହେଉଥିବାରୁ Chief Finance Officer ସେମାନଙ୍କୁ 25% ବର୍ଦ୍ଧିତ ଦରମା ଦେବା ନିମନ୍ତେ ପ୍ରତିକୂଳ ମନ୍ତବ୍ୟ ଦେଉଛନ୍ତି କି, କେବେସୁଦ୍ଧା ସେମାନଙ୍କ ନ୍ୟାର୍ଯ୍ୟ ପ୍ରାପ୍ୟପ୍ରଦାନ କରାଯିବ, UDAQ No.2519, dt.10.03.2026 ଉତ୍ତର ପରିପ୍ରେକ୍ଷୀରେ ପରିଶିଷ୍ଟ 'କ' ରେ ସୂଚିତ କ୍ରମିକ ସଂଖ୍ୟା 2,4 ଓ 6 ରେ କର୍ମଚାରୀଙ୍କ ଦରମା ଠିକ୍ Slab ରେ ପଡୁନଥିବା ସ୍ଥଳେ BMC, CFO 25% ବର୍ଦ୍ଧିତ ଦରମା ଦେବାକୁ କେଉଁ ଆଧାରରେ ଦେଲେ ?

----

## ବର୍ଦ୍ଧିତ ଦରମା ପ୍ରଦାନ

6166 **ଶ୍ରୀ ଅନନ୍ତ ନାରାୟଣ ଜେନା (ଭୁବନେଶ୍ୱର-ମଧ୍ୟ):**

**ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ସଂକଳ୍ପ ସଂଖ୍ୟା 7982 ତା.27.03.2024 ଓ ସଂଖ୍ୟା 8365, ତା.12.03.2024 ଅନୁସାରେ ଓଡିଶା ବନ ଉନ୍ନୟନ ନିଗମ ଆଉଟସୋର୍ସିଂ କର୍ମଚାରୀ ମାନଙ୍କୁ ବାର୍ଷିକ ବର୍ଦ୍ଧିତ ପ୍ରାପ୍ୟ ପ୍ରଦାନ କରୁନଥିବା ସରକାର ଜାଣନ୍ତି କି, OFDC ରେ ବର୍ତ୍ତମାନ କେତେଜଣ ଆଉଟସୋର୍ସିଂ କର୍ମଚାରୀ କେବେଠାରୁ କାର୍ଯ୍ୟରତ ଏବଂ କେବେଠାରୁ ଉପରୋକ୍ତ ସଂଙ୍କଳପ ଅନୁଯାୟୀ ବର୍ଦ୍ଧିତ ପ୍ରାପ୍ୟ୍ୟ ପାଉଛନ୍ତି, ବର୍ଦ୍ଧିତ ପ୍ରାପ୍ୟ ପ୍ରଦାନ ନକରାଯିବାର କାରଣ କ'ଣ ?

----

## Tax Collector ମାନଙ୍କ ପାଇଁ ପ୍ରୋତ୍ସାହନ ରାଶି ବ୍ୟବସ୍ଥା

6167 **ଶ୍ରୀ ବିଜୟ କୁମାର ଦଳବେହେରା (ବରମ୍ବା):**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ରାଜ୍ୟର ପଞ୍ଚାୟତ ଗୁଡ଼ିକୁ ଆର୍ଥିକ ଭାବେ ସ୍ୱାବଲମ୍ବୀ କରିବା ପାଇଁ "ନିଜସ୍ୱ ଆୟ" ସଂଗ୍ରହ କରୁଥିବା କର୍ମଚାରୀ ବା 'Tax Collector' ମାନଙ୍କ ପାଇଁ ସରକାର କୌଣସି ସ୍ୱତନ୍ତ୍ର ପ୍ରୋତ୍ସାହନ ରାଶି ବ୍ୟବସ୍ଥା କରିଛନ୍ତି କି, ଯଦି ହଁ, ଏହାର ମାପକାଠି ଓ ସର୍ତ୍ତାବଳୀ କଣ ; (କ) ଗତ ୩ ଆର୍ଥିକ ବର୍ଷରେ ଏହି ଟ୍ୟାକ୍ସ କଲେକ୍ଟର ମାନଙ୍କୁ ଆଧୁନିକ ଜ୍ଞାନକୌଶଳ ଓ ରାଜସ୍ୱ ପରିଚାଳନା ସମ୍ପର୍କିତ ତାଲିମ ପ୍ରଦାନ ପାଇଁ ସରକାର ବଜେଟ୍‌ରେ କେତେ ଅର୍ଥ ବ୍ୟୟବରାଦ କରିଥିଲେ ଏବଂ ବାସ୍ତବରେ କେତେ ଅର୍ଥ ବ୍ୟୟ ହୋଇଛି ; (ଖ) ଟ୍ୟାକ୍ସ ଆଦାୟ ପ୍ରକ୍ରିୟାରେ ସ୍ୱଚ୍ଛତା ଆଣିବା ଏବଂ Leak-proof ବ୍ୟବସ୍ଥା କରିବା ପାଇଁ ସରକାର କୌଣସି କେନ୍ଦ୍ରୀଭୂତ ଡିଜିଟାଲ୍ ପୋର୍ଟାଲ୍ ବା ମୋବାଇଲ୍ ଆପ୍ଲିକେସନ୍ କାର୍ଯ୍ୟକାରୀ କରିବାକୁ ପ୍ରସ୍ତାବ ରଖିଛନ୍ତି କି, ଯଦି ଏପରି କୌଣସି ଡିଜିଟାଲ୍ ବ୍ୟବସ୍ଥା ଅଛି ତେବେ ବର୍ତ୍ତମାନ ସୁଦ୍ଧା ରାଜ୍ୟର କେତୋଟି ପଞ୍ଚାୟତରେ ଏହା କାର୍ଯ୍ୟକ୍ଷମ ହୋଇଛି ?

----

## ହାତୀ ଆକ୍ରମଣରେ କ୍ଷତିର ପରିମାଣ

6168 **ଶ୍ରୀ ବିଜୟ କୁମାର ଦଳବେହେରା (ବରମ୍ବା):**

**ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଗତ ୩ଟି ଆର୍ଥିକ ବର୍ଷରେ ରାଜ୍ୟର ବିଭିନ୍ନ ଜିଲ୍ଲାରେ ହାତୀ ଆକ୍ରମଣରେ ମୃତ୍ୟୁବରଣ କରିଥିବା ବ୍ୟକ୍ତିଙ୍କ ସଂଖ୍ୟା, କ୍ଷତିଗ୍ରସ୍ତ ହୋଇଥିବା ଫସଲର ପରିମାଣ (ଏକର) ଏବଂ ଭଙ୍ଗାରୁଜା ହୋଇଥିବା ଘର ସଂଖ୍ୟାର ଜିଲ୍ଲାୱାରୀ ବିବରଣୀ ପ୍ରଦାନ କରିବେ କି ; (କ) ହାତୀ-ମଣିଷ ସଂଘର୍ଷ ହ୍ରାସ କରିବା ନିମନ୍ତେ ଚିହ୍ନଟ ହୋଇଥିବା 'ହାତୀ କରିଡ଼ର' ଗୁଡ଼ିକର ସୁରକ୍ଷା ପାଇଁ ସରକାର କଣ ପଦକ୍ଷେପ ଗ୍ରହଣ କରିଛନ୍ତି, ଏହି କରିଡ଼ର ଗୁଡ଼ିକରେ କେତେ ସଂଖ୍ୟକ ଅବରୋଧ ଚିହ୍ନଟ ହୋଇଛି ଏବଂ ସେଗୁଡ଼ିକ ଉଚ୍ଛେଦ ପାଇଁ କାର୍ଯ୍ୟ ଯୋଜନା କଣ ; (ଖ) ବନ୍ୟଜନ୍ତୁଙ୍କ ପାଇଁ ଜଙ୍ଗଲ ମଧ୍ୟରେ ଜଳାଶୟ ଓ ଖାଦ୍ୟର ଅଭାବ ହେତୁ ସେମାନେ ଜନବସତି ମୁହାଁ ହେଉଛନ୍ତି - ଏହି ସମସ୍ୟାର ସମାଧାନ ପାଇଁ ସରକାରଙ୍କ ଆଗାମୀ କାର୍ଯ୍ୟପନ୍ଥା କଣ, ହାତୀଙ୍କ ଗତିବିଧି ଉପରେ ନଜର ରଖିବା ପାଇଁ 'ଅର୍ଲି ୱାନଂ ସିଷ୍ଟମ୍' ର ବ୍ୟବହାର ଦିଗରେ ସରକାର କଣ ପଦକ୍ଷେପ ନେଉଛନ୍ତି ?

----

## ନୂତନ ଗ୍ରାମ ପଞ୍ଚାୟତ ଓ ବ୍ଲକ ପ୍ରତିଷ୍ଠା

6169 **ଶ୍ରୀ ଭାଦବ ହାଁସଦାଃ (ସାରସକଣା):**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ମୟୂରଭଞ୍ଜ ଜିଲ୍ଲାରେ ନୂତନ ଗ୍ରାମ ପଞ୍ଚାୟତ ଓ ବ୍ଲକ ପ୍ରତିଷ୍ଠା କରିବାର ଯୋଜନା ଅଛି କି, ଯଦି 'ହଁ' କେବେ ମୟୂରଭଞ୍ଜ ଜିଲ୍ଲାରେ କେତୋଟି ନୂତନ ଗ୍ରାମ ପଞ୍ଚାଓ ବ୍ଲକ ପ୍ରତିଷ୍ଠା କରିବେ କି ?

----

## ରିପୋର୍ଟ ପ୍ରଦାନ

6170 **ଶ୍ରୀ କାଡ୍ରାକା ଆପାଲାସ୍ୱାମି (ରାୟଗଡା):**

**ଶ୍ରମ ଓ କର୍ମଚାରୀଙ୍କ ରାଜ୍ୟ ବୀମା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାୟଗଡ଼ା ଜିଲ୍ଲା ପ୍ରଶାସନ ପକ୍ଷରୁ ଗତ ଜୁନ ୨୦୨୪ ମସିହାରେ ଜିଲ୍ଲା ଶ୍ରମ କାର୍ଯ୍ୟାଳୟରେ ନିର୍ମାଣ ଶ୍ରମିକଙ୍କ ମୃତ୍ୟୁକାଳୀନ୍ ସହାୟତା ଠକେଇ ଘଟଣାକୁ ନେଇ ତତ୍କାଳୀନ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ ପ୍ରଶାସନିକ ତଦନ୍ତ କମିଟି ଦ୍ୱାରା ତଦନ୍ତ କରାଯାଇଥିବା ସତ୍ୟ କି ?

----

## VRP ମାନଙ୍କ ନିଯୁକ୍ତି

6171 **ଶ୍ରୀ ମନୋହର ରନ୍ଧାରି (ଡାବୁଗାଁ):**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଓଡିଶାରେ ବର୍ତ୍ତମାନ କେତେଜଣ ଓ VRP କାର୍ଯ୍ୟରତ ଅଛନ୍ତି, ସେମାନଙ୍କୁ ସରକାର କେଉଁ ଦାୟୀତ୍ୱ ଦେଇଛନ୍ତି ଓ ମାସିକ କେତେ ପାରିଶ୍ରମିକ ପାଉଛନ୍ତି, ସେମାନଙ୍କର ନିଯୁକ୍ତି criteria କ'ଣ, ସେମାନେ ଯେଉଁ କାର୍ଯ୍ୟ କରୁଛନ୍ତି ସେ କାମ ଗୁଡିକୁ ବନ୍ଦ କରିବା ପାଇଁ ସରକାରଙ୍କର କି ଯୋଜନା ଅଛି କି, ଯଦି 'ହଁ' ତେବେ ବନ୍ଦ କରିବାର କାରଣ କ'ଣ ଓ VRP ମାନଙ୍କରେ ଭବିଷ୍ୟତ ସୁରକ୍ଷା ପାଇଁ ସରକାରୀ ପଦକ୍ଷେପ କ'ଣ ?

----